## ଖଣ୍ଡ -୧

# ଅର୍ଥଶାସ୍ତ୍ର ସମ୍ବନ୍ଧରେ ଧାରଣା

୧. ଅର୍ଥଶାସ୍ତ୍ର କଣ

୨. ମାନବୀୟ ଅଭାବ ଏବଂ ସମ୍ବଳ

୩. ଦ୍ରବ୍ୟ ଓ ସେବା

# ୧

# ଅର୍ଥଶାସ୍ତ୍ର କ'ଣ

ସାମାଜିକ ବିଜ୍ଞାନ ବିଷୟମାନଙ୍କ ମଧ୍ୟରେ ଅର୍ଥଶାସ୍ତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆମ ଦୈନନ୍ଦିନ ଜୀବନରେ ଆମେ ଅନେକ ଅର୍ଥନୈତିକ ଶବ୍ଦ ବ୍ୟବହାର କରିଥାଉ ଯଥା ଦ୍ରବ୍ୟ, ସେବା, ବଜାର, ଚାହିଦା, ଯୋଗାଣ, ଦାମ୍, ମୂଲ୍ୟ, ମୁଦ୍ରାସ୍ଫୀତି, ବ୍ୟାଙ୍କ, କର (Tax), ଋଣ ଲଗାଣ, ଋଣ ପରିଶୋଧ, ସୁଧ ଆଦି । ସେହିପରି ଆମ ଆୟର ପରିବଣ୍ଟନ କରିବା, ବିଭିନ୍ନ ସାମଗ୍ରୀ କ୍ରୟ କରିବା । କିଛି କାର୍ଯ୍ୟ କରିବାପାଇଁ ଅର୍ଥର ବନ୍ଦୋବସ୍ତ ବା ବଜେଟ୍ କରିବା ବା ରୋଜଗାର ପାଇଁ କାମ କରିବା ତଥା ବ୍ୟାଙ୍କରୁ ଟଙ୍କା ଉଠାଇବା ପରି ଅନେକ ଆର୍ଥିକ ନିଷ୍ପତ୍ତି ନେବାକୁ ପଡିଥାଏ । ଆମେ ମଧ୍ୟ ସମାଜ, ଦେଶ, ବିଦେଶ ତଥା ପୃଥିବୀର ଆର୍ଥିକ ସ୍ଥିତି ସମ୍ପର୍କରେ ନିରୀକ୍ଷଣ ଓ ତଥ୍ୟ ସଂଗ୍ରହ କରୁ ।

## ଆଭିମୁଖ୍ୟ

ଏହି ଅଧ୍ୟାୟ ପାଠ କରିସାରିବା ପରେ ତୁମେ :

- ଅର୍ଥଶାସ୍ତ୍ରର ଅର୍ଥ କ'ଣ ଜାଣିପାରିବ ।
- ଅର୍ଥଶାସ୍ତ୍ରର ପ୍ରଧାନ ଶାଖା ବା ବିଭାଗ ବିଷୟରେ ଜାଣିପାରିବ ।
- ସକରାତ୍ମକ ଅର୍ଥଶାସ୍ତ୍ର ଓ ନିୟାମକ ଅର୍ଥଶାସ୍ତ୍ରରେ ଥିବା ପାର୍ଥକ୍ୟ ବିଷୟରେ ଜାଣିପାରିବ ।

## ୧.୧ ଅର୍ଥଶାସ୍ତ୍ରର ଅର୍ଥ ଓ ସଂଜ୍ଞା

ଅର୍ଥଶାସ୍ତ୍ରର ପରିସର ବ୍ୟାପକ ଓ ବିସ୍ତୃତ । ଏହାର ସଠିକ୍ ସଂଜ୍ଞା ନିରୂପଣ କରିବା ସହଜ ଓ ସରଳ ନୁହେଁ । ଏହା ସାମାଜିକ ବିଜ୍ଞାନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ବିଷୟ ଭାବେ ପରିଗଣିତ ହେବାପରଠାରୁ ବିଭିନ୍ନ ଲେଖକ, ଗବେଷକ, ଅର୍ଥନୀତିଜ୍ଞମାନେ ଏହାର ଅର୍ଥ ଓ ଲକ୍ଷ୍ୟ ଦେବାପାଇଁ ପ୍ରଚେଷ୍ଟା କରିଛନ୍ତି । ସମୟ ଓ ସମାଜ ସହ ତାଳଦେଇ ଅର୍ଥନୀତିର ସଂଜ୍ଞାରେ ନୂତନ ପରିବର୍ତ୍ତନ ଆସିଛି । ଚାଲ ଅର୍ଥନୀତିର ସଂଜ୍ଞାକୁ ନେଇ ଥିବା ଅନେକ ଧାରଣା ଉପରେ ନଜର ପକାଇବା ।

୧. ଅନେକ ଗବେଷକ ଓ ଲେଖକମାନେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଓ ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅର୍ଥଶାସ୍ତ୍ରକୁ ସମ୍ପଦ ବିଜ୍ଞାନରୂପେ ଅଭିହିତ କରିଥିଲେ । ଏହି ଗବେଷକମାନେ ପ୍ରାଚୀନ (Classical) ଚିନ୍ତାନାୟକଭାବରେ ପରିଚିତ । ସେମାନଙ୍କ ମତରେ ବ୍ୟକ୍ତି ଓ ରାଷ୍ଟ୍ରଦ୍ୱାରା ସଂପଦର ଉପାର୍ଜନ ଓ ଖର୍ଚ୍ଚ ହୋଇଥାଏ । ଅର୍ଥଶାସ୍ତ୍ର ସମ୍ପଦର ପ୍ରକୃତି ଓ କାରଣ ଓ ଏହାର ଉପାର୍ଜନ ସମ୍ପର୍କରେ ଅନୁଧ୍ୟାନ କରେ ।

୨. ଅର୍ଥଶାସ୍ତ୍ରର ସମ୍ପଦ ସଂଜ୍ଞା ଦୀର୍ଘ ଏକ ଶତାବ୍ଦୀଧରି ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ଓ ଗବେଷକ ମାନଙ୍କୁ ପ୍ରଭାବିତ କରିଥିଲା । ପରବର୍ତ୍ତି ସମୟରେ ଅନେକ ସମାଲୋଚକ, ସମାଜ ସଂସ୍କାରକ ଉକ୍ତ ମତକୁ ତୀବ୍ର ସମାଲୋଚନା କରିଥିଲେ । ସମ୍ପଦ ସଂଜ୍ଞାର ସମସ୍ୟା ହେଲା, ଏହା ଯେଉଁ ଲୋକମାନଙ୍କର ସମ୍ପଦ ନାହିଁ ସେମାନଙ୍କ ପାଇଁ କିଛି ମତବ୍ୟକ୍ତ କଲା ନାହିଁ । ତେଣୁ ସମ୍ପଦହୀନ ବ୍ୟକ୍ତିମାନଙ୍କ ପାଇଁ ଏହି ସଂଜ୍ଞା ନୀରବ ଥିଲା । ଏହା ସମାଜକୁ ଦୁଇ ଭାଗରେ ବିଭକ୍ତ କଲା । ଯଥା: ଧନୀ ଓ ଧନହୀନ ବା ଗରିବ । ଏହି ସଂଜ୍ଞା ସଂପଦର ସଂକୀର୍ଣ୍ଣ ବ୍ୟାଖ୍ୟାଉପରେ ପର୍ଯ୍ୟବେସିତ ଥିଲା । ଅର୍ଥଶାସ୍ତ୍ର ସମାଜ କଲ୍ୟାଣକୁ ଗୁରୁତ୍ୱ ନଦେଇ ସମ୍ପଦକୁ ଗୁରୁତ୍ୱ ଦେଲା । ତେଣୁ ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅନେକ ବିଦ୍ୱାନ ଅର୍ଥଶାସ୍ତ୍ର ସମାଜ କଲ୍ୟାଣ ଉପରେ ଗୁରୁତ୍ୱ ଦେବ ଉଚିତ୍ ବୋଲି ଚିନ୍ତାକଲେ । ଏହାପରଠାରୁ ଅର୍ଥଶାସ୍ତ୍ର ଏକ ସମାଜ କଲ୍ୟାଣ ବିଜ୍ଞାନ ଭାବେ ଅଭିହିତ ହେଲା ।

କଲ୍ୟାଣ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଧାରଣା । ଅଧିକ ଦ୍ରବ୍ୟ ଓ ସେବା ଉପଭୋଗ କରିବା, ମୁଣ୍ଡପିଛା ଆୟର ବୃଦ୍ଧି ପରିମାଣାତ୍ମକ କଲ୍ୟାଣ ଅଟେ । ଶାନ୍ତିରେ ବାସ କରିବା, ଅବସର ସ ମୟ ଉପଭୋଗ କରିବା, ଜ୍ଞାନ ଆହରଣ କରିବା ଗୁଣାତ୍ମକ କଲ୍ୟାଣ ଅଟେ । ଅର୍ଥଶାସ୍ତ୍ର ଏକ କଲ୍ୟାଣକାରୀ ବିଜ୍ଞାନ ଭାବରେ କେବଳ ପରିମାଣାତ୍ମକ କଲ୍ୟାଣସହ ସଂପୃକ୍ତ ଥିଲା । କାରଣ ମୁଦ୍ରାଦ୍ୱାରା ଏହାକୁ ମପାଯାଇ ପାରିବ ।

୩. ଅର୍ଥନୀତିର କଲ୍ୟାଣକାରୀ ସଂଜ୍ଞା କେବଳ ଭୌତିକ ଆନନ୍ଦ କଥା ସୂଚାଏ । କିନ୍ତୁ ମାନବ ସମାଜ ଉଭୟ ଭୌତିକ ପଦାର୍ଥ ଏବଂ ଅଣଭୌତିକ ସେବା ମଧ୍ୟ ଆବଶ୍ୟକ କରନ୍ତି । ଉଭୟ ବ୍ୟକ୍ତି ଓ ସମାଜ ପାଇଁ ସମ୍ପଦ ସୀମିତ ଏବଂ ବିକଳ୍ପ ବ୍ୟବହାର ଯୋଗ୍ୟ । ଏଣୁ ଅସୀମ ଅଭାବ, ସୀମିତ ସମ୍ବଳ ଏବଂ ବିକଳ୍ପ ବ୍ୟବହାରକ୍ଷମ ଅର୍ଥନୀତିକୁ ଏପରି ଏକ ଅଧ୍ୟୟନ କରିଥୋଇଲା("Economics is a science of choice which studies human behaviour between ends, & scarce means which have alternative uses") । ଏଠାରେ ଲକ୍ଷ୍ୟ ହେଲା ଅସୀମ ଅଭାବ, ସ୍ୱଳ୍ପତା ହେଲା ସୀମିତ ସମ୍ବଳ । ତେଣୁ ବିକଳ୍ପ ବ୍ୟବହାରକ୍ଷମ ଦ୍ୱାରା ଅସୀମ ଅଭାବ ପୂରଣ କରାଯାଇପାରିବ ।

ଉଦାହରଣ ସ୍ୱରୂପ କପଡା ଓ ଗହମର ଉତ୍ପାଦନ କଥା ନିଆଯାଉ । ଆମେ ମନଇଛା ଗହମ ଓ କପଡାର ଉତ୍ପାଦନ ବଢ଼ାଇ ପାରିବ ନାହିଁ କାରଣ ଆମ ସମ୍ବଳ ସୀମିତ । ଧରିନିଆଯାଉ ଗହମର ଚାହିଦା ବଢ଼ିଗଲା ଏଣୁ ତାହାର ଉତ୍ପାଦନ ଆମକୁ ବଢ଼ାଇବାକୁ ପଡିବ କିନ୍ତୁ ସିମୀତ ସମ୍ବଳରେ ଏହା ସମ୍ଭବ ନୁହେଁ । ଆମେ ଯଦି କିଛି ସମ୍ବଳ ଓ ସାଧନ କପଡା ଉତ୍ପାଦନରୁ ଅସାଧାରଣ କରି ଆଣିବା ତେବେଯାଇ ଆମେ ଗହମ ଉତ୍ପାଦନ ବଢ଼ାଇପାରିବା ଅର୍ଥ କପଡା ଉତ୍ପାଦନ ଆମକୁ କମାଇବାକୁ ପଡିବ । ଉପରୋକ୍ତ ଉଦାହରଣରୁ ଆମେ ଏଇଆ ଜାଣିଲେ ଯେ, ଆମର ଦୁଇଟି ବିକଳ୍ପ ଅଛି ।

(କ) ସମାନ ପରିମାଣର କପଡା ଓ ଗହମ ଉତ୍ପାଦନ କରିଚାଲିବା ।

(ଖ) ଅଥବା ଚାହିଦା ବୃଦ୍ଧି କାରଣରୁ ଗହମ ବେଶି ଉତ୍ପାଦନ କରିବ । ଫଳତଃ କପଡା ଉତ୍ପାଦନ କିଛି ପରିମାଣରେ କମାଇ ଦେବା । ଯେହେତୁ ରାଷ୍ଟ୍ରର ଅଧିକ ଗହମର ଆବଶ୍ୟକତା ରହିଛି ତେଣୁ ଅର୍ଥଶାସ୍ତ୍ରର ଅଧ୍ୟୟନ ଆମକୁ ସୀମିତ ସମ୍ବଳଦ୍ୱାରା ଏହି ସମ୍ୟାର ସମାଧାନ ପାଇଁ, ଜ୍ଞାନ ପ୍ରଦାନ କରିଥାଏ ।

୪. ବିଂଶ ଶତାବ୍ଦୀରେ ସମଗ୍ର ଅର୍ଥନୀତିର ସମୃଦ୍ଧି ଓ ଉନ୍ନୟନ ଲକ୍ଷ୍ୟ ଦେଶର ଉନ୍ନୟନରେ ସରକାରଙ୍କର ଏକ ବଡଭୂମିକା ବେଳୁବେଳ ଗୁରୁତ୍ୱ ପାଇଲା । ଫଳରେ ଅର୍ଥନୀତି ଆଉ ବ୍ୟକ୍ତିଗତ ନିଷ୍ପତ୍ତି ଓ ସମ୍ବଳର ବିନିଯୋଗରେ ସୀମିତ ରହିଲା ନାହିଁ । ଏହାର ପରିସର ସୀମା ଉତ୍ପାଦନ ଓ ଉପଭୋଗକୁ ପ୍ରସାରିତ କଲା, ସଦା ସର୍ବଦା ସମୃଦ୍ଧି ଓ ଉନ୍ନୟନ ହାସଲ କରିବା ପାଇଁ ଚେଷ୍ଟିତ ହେଲା ।

ଅର୍ଥନୀତି ସମୃଦ୍ଧି ଓ ଉନ୍ନୟନର ଏକ ବିଜ୍ଞାନ ରୂପେ ପରିଚିତ ହେଲା । ପ୍ରକୃତରେ ସତ୍ୟ ହେଲା ଏହା ଯେ ବର୍ତ୍ତମାନ ଲୋକେ ମଙ୍ଗଳ କହିଲେ ବ୍ୟକ୍ତି ଓ ସମୁଦାୟ ଜାତିର କଥା ବୁଝୁଛନ୍ତି । ବ୍ୟକ୍ତିଟିଏ ତାର ଆବଶ୍ୟକତା ପୁରଣ କରିବାକୁ ହେଲେ ସମୁଦାୟ ଅର୍ଥନୀତିରେ କେବଳ ଉନ୍ନତି ଆଣିଲେ ହେବନାହିଁ । ଉନ୍ନୟନର ଲାଭ ବ୍ୟକ୍ତି ନିକଟରେ ପହଞ୍ଚାଇବା ପାଇଁ ପରିବଣ୍ଟନର କୌଶଳ ନିର୍ଦ୍ଧାରଣ ଆବଶ୍ୟକ । ଗୋଟିଏ ଅର୍ଥନୀତିର ମୂଲ୍ୟାଙ୍କନ, ତାର ସୀମିତ ସମ୍ବଳ ବା ସାଧନର ବିନିଯୋଗ ତଥା ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ସୁଷମ ବଣ୍ଟନ ଉପରେ ନିର୍ଭର କରେ । ବିଭିନ୍ନ ବିକଳ୍ପର ସମ୍ଭାବନା ମଧ୍ୟରେ ଉପଯୁକ୍ତ ବିନିଯୋଗ ପାଇଁ ଅର୍ଥନୀତିକୁ ରାସ୍ତାବାହାର କରିବାକୁ ପଡିବ ତଥା କିପରି ଭବିଷ୍ୟତର ଅର୍ଥନୈତିକ ଉନ୍ନତି ଧରି ରଖାଯାଇ ପାରିବ ତାହା ନିଶ୍ଚିତ କରିବାକୁ ପଡିବ । ଏଇ ତତ୍ତ୍ୱର ଆଧାରରେ ପୃଥିବୀର ବହୁ ଅର୍ଥନୀତି ଭଲ ଫଳାଫଳ ଦେଖାଇଛନ୍ତି । ଉଦାହରଣ ସ୍ୱରୂପ ଆମେରିକା, ୟୁରୋପ, ଜାପାନ ଦେଶ ଆଦିଙ୍କୁ ଆଜି ବିକଶିତ ଅର୍ଥନୀତି ବୋଲି କୁହାଯାଉଛି କାରଣ ସେମାନେ ସେମାନଙ୍କ ନାଗରିକ ମାନଙ୍କ ପାଇଁ ଉଚ୍ଚଧରଣର ଆୟ ହାସଲ କରିପାରିଛନ୍ତି । ଆମ ଭାରତୀୟ ଅର୍ଥନୀତି ଏକ ବିକାଶୋନ୍ମୁଖୀ ଅର୍ଥନୀତି । କାରଣ ଏହାର ବହୁତ ନାଗରିକ ତଥାପି ଗରିବ ଅଛନ୍ତି । ଅର୍ଥନୀତିର ଅଧ୍ୟୟନ ଆମକୁ ଆମ ଅର୍ଥନୀତିର ଅବସ୍ଥା ଅବଗତ କରାଇବା ସହିତ ଆମକୁ ମାର୍ଗ ଦର୍ଶାଇଥାଏ କିପରି ଆମେ ଉଚ୍ଚ ସ୍ତରର ସମୃଦ୍ଧି ଓ ଉନ୍ନୟନ ହାସଲ କରିପାରିବା ।

୫. ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଅର୍ଥନୈତିଜ୍ଞ କିଛି କିନ୍ତୁ ଭବିଷ୍ୟତ ବଂଶଧରଙ୍କ ମଙ୍ଗଳ ପାଇଁ ପ୍ରାକୃତିକ ପରିବେଶର ସୁରକ୍ଷାନେଇ କହିବାକୁ ଆରମ୍ଭ କଲେ । ଅର୍ଥନୀତି ଏକ ସ୍ଥିର ଉନ୍ନୟନର ବିଜ୍ଞାନରୂପେ ପରିଗଣିତ ହେଲା । ସମୃଦ୍ଧି ଓ ଉନ୍ନୟନର ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବାପାଇଁ ସାରାପୃଥିବୀରେ ପ୍ରାକୃତିକ ସମ୍ବଳର ଅବିନିଯୋଗ କରାଯାଉଛି ଏବଂ ପରିବେଶକୁ ଦୂଷିତ କରାଯାଉଛି । ସେବା ଓ ସାମଗ୍ରୀର ଉପଭୋଗ ବହୁଳ ବର୍ଜ୍ୟବସ୍ତୁ କୁ ହିଁ ଆଣିଦେଇଛି । ପ୍ରଣିଧାନର କଥା ଯେ, ଏହାକୁ 'ଅଧିକାରୁ ଅଧିକା' ଉପଭୋଗ କରୁଛି । ଏହାର ଅର୍ଥ, ଭବିଷ୍ୟତ ବଂଶଧରଙ୍କ ପାଇଁ ପ୍ରାକୃତିକ ସମ୍ବଳ ରହିବନାହିଁ ବା ଅଳ୍ପ ରହିବ । ଏଣୁ ଏହା ଆମର ନୈତିକ ଦାୟିତ୍ୱ ହେଉଛି ଯେ, ମିଳୁଥିବା ସୀମିତ ସମ୍ବଳକୁ ଆମେ ଏପରି ବିଚାରବନ୍ତ ଏବଂ ସଫଳ ସୁନିଯୋଗ କରିବା ଯାହା ଫଳରେ ଆମ ଭବିଷ୍ୟତ ପିଢ଼ିର ମଧ୍ୟ କଲ୍ୟାଣ ହେବ ।

### ପାଠ୍ୟ ପ୍ରଶ୍ନାବଳୀ ୧.୧

୧. "ଅର୍ଥନୀତି ଏକ ସଂପଦ ବିଜ୍ଞାନ" ଏହା କ'ଣ ସୂଚାଏ ?

୨. କଲ୍ୟାଣର କେଉଁ ବିଭାଗକୁ ଅର୍ଥନୀତି କଲ୍ୟାଣର ବିଜ୍ଞାନରୂପେ ବିବେଚନା କରେ ?

## ୧.୨ ଅର୍ଥନୀତିର ଶାଖା

ଅର୍ଥନୀତି ଅଧ୍ୟୟନ ଦୁଇଟି ଭିନ୍ନ ଭିନ୍ନ ଶାଖାରେ ବିଭାଜିତ । ସେମାନେ ଏପରି

୧. ଏକକ ଅର୍ଥନୀତି (Micro Economics)/ ବ୍ୟଷ୍ଟି ଅର୍ଥନୀତି

୨. ସାମୁହିକ ଅର୍ଥନୀତି ( Macro Economics) / ସମୁଦାୟ ଅର୍ଥନୀତି

ଟିପ୍ପଣୀ

### ୧.୨.୧ ଏକକ ଅର୍ଥନୀତି/ବ୍ୟଷ୍ଟି ଅର୍ଥନୀତି ( Micro Economics)

ମାଇକ୍ରୋ କହିଲେ କ୍ଷୁଦ୍ରକୁ ବୁଝାଏ । ତେଣୁ ମାଇକ୍ରୋ ଅର୍ଥନୀତିକୁ ଏକ ସୀମିତ ପରିସର ବା ଏକ କ୍ଷୁଦ୍ର ପରିସରର ଅଧ୍ୟୟନକୁ ବୁଝାଏ । ପ୍ରକୃତରେ ଏହା କହିଲେ ଆମେ କ'ଣ ବୁଝୁ । ଏକ ସମାଜ ଅନେକ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ । ପ୍ରତ୍ୟେକ ବ୍ୟକ୍ତି ବିଶେଷର କିଛି ନା କିଛି ଅବଦାନ ଅଛି । ବ୍ୟକ୍ତିବିଶେଷଙ୍କର ସାମୁହିକ ଅବଦାନ ସମାଜର କିୟଦଂଶ ଅଂଶ । ଏଣୁ ବ୍ୟକ୍ତିଟିର ଯେ କୌଣସି ଅର୍ଥନୈତିକ ନିଷ୍ପତ୍ତି ଏକକ ଅର୍ଥନୀତି ବା ବ୍ୟଷ୍ଟି ଅର୍ଥନୀତି ( Micro Economics)ର ଅଂଶ ବିଶେଷ ଅଟେ । ବ୍ୟକ୍ତିଟିଏ କି କି ବା କ'ଣ କ'ଣ ଅର୍ଥନୈତିକ ନିଷ୍ପତ୍ତି ନିଏ ଆମେ ତା ଉପରେ କିଛି ଆଲୋଚନା କରିବା ।

(କ) ନିଜ ନିଜର ଆବଶ୍ୟକତା ପୂରଣ ପାଇଁ ବ୍ୟକ୍ତିଟିଏ ସାମଗ୍ରୀ ଓ ସେବା କ୍ରୟ କରିଥାଏ । ଏଥିପାଇଁ ନିଜର ସ୍ୱଳ୍ପ ଆୟର କିଛି ଅଂଶ ବ୍ୟକ୍ତିଟିକୁ ଦେବାକୁ ପଡିଥାଏ । ତେଣୁ ସେବା ଓ ସାମଗ୍ରୀର ଦର ଦାମକୁ ନେଇ କେତେ ପରିମାଣର କିଣାଯିବ ସେଥିନେଇ ଏକ ନିଷ୍ପତ୍ତି ନେବାକୁ ପଡିଥାଏ । ଖାଲି ସେତିକି ନୁହେଁ, କେଉଁ କେଉଁଥିରୁ କେତେ କେତେ କିଣାଯିବ, ଆୟକୁ ଆଧାରକରି ଏକ ନିଷ୍ପତ୍ତି ନେବାକୁ ପଡିଥାଏ ଯେଉଁଥିରୁକି ସର୍ବାଧିକ ସନ୍ତୋଷ ବା ପରିତୃପ୍ତି ମିଳିପାରିବ ।

(ଖ) ଗୋଟିଏ ବ୍ୟକ୍ତିମଧ୍ୟ ଏକ ବିକ୍ରେତା, ସେ ମଧ୍ୟ ସେବା ଓ ସାମଗ୍ରୀର ବିକ୍ରୟ କରେ । ସାମଗ୍ରୀର ଦରକୁନେଇ ବା ଦେଖି ତାକୁ ନିଷ୍ପତ୍ତି ନେବାକୁ ପଡିଥାଏ ଯେ ସେ କେତେ ପରିମାଣର ମାଲ ଯୋଗାଇବ ଯେଉଁଥିରୁ ସେ ଲାଭ ଅର୍ଜନ କରିବ ।

(ଗ) ସାମଗ୍ରୀ ହାସଲ କରିବାକୁ ହେଲେ ଆମକୁ ଦାମ୍ ଦେବାକୁ ପଡେ । ବଜାରରେ ଏହାର ଦର କିପରି ସ୍ଥିର ହୁଏ ? ଏକକ ଅର୍ଥନୀତି ଏହି ପ୍ରଶ୍ନର ଉତ୍ତରରେ ଆମକୁ ଦେଇଥାଏ ।

(ଘ) ସେପରି ଦ୍ରବ୍ୟ ଉତ୍ପାଦନ ପାଇଁ ଜଣେ ଉଦ୍ୟୋଗପତିକୁ ନିଷ୍ପତ୍ତି ନେବାକୁ ପଡିଥାଏ କିପରି ଉତ୍ପାଦନର ବିଭିନ୍ନ ଉପାଦାନର ସମ୍ମିଶ୍ରଣ କରିବ ଯାହା ଫଳରେ ସେ ସର୍ବାଧିକ ଉତ୍ପାଦନ କରିପାରିବ କିନ୍ତୁ ସର୍ବନିମ୍ନ ଖର୍ଚ୍ଚରେ ।

### ୧:୨:୨ ସାମୁହିକ ଅର୍ଥନୀତି / ସମୁଦାୟ ଅର୍ଥନୀତି (Macro Economics)

Macro ର ଅର୍ଥ ବୃହତ । ଗୋଟିଏ ବ୍ୟକ୍ତି ତୁଳନାରେ, ସମାଜ, ରାଷ୍ଟ୍ର ବା ଅର୍ଥନୀତି ପୂର୍ଣ୍ଣାଙ୍ଗ ଭାବରେ ବୃହତ । ଏଣୁ ଅର୍ଥନୀତିକୁ ନେଇ ଯେ କୌଣସି ଅର୍ଥନୈତିକ ନିଷ୍ପତ୍ତିକୁ ସାମୁହିକ ଅର୍ଥନୀତିର ବିଷୟବସ୍ତୁ ବୋଲି କୁହାଯାଏ । ସରକାର ନେଉଥିବା ଅର୍ଥନୈତିକ ନିଷ୍ପତ୍ତି କଥା ନିଆଯାଉ । ଆମେ ଏ କଥା ଜାଣୁ ଯେ ସରକାର ସମୁଦାୟ ରାଷ୍ଟ୍ରକୁ ବୁଝାଏ, କୌଣସି ବ୍ୟକ୍ତିବିଶେଷକୁ ବୁଝାଏନାହିଁ । ଏଣୁ ସରକାରଙ୍କ ନିଷ୍ପତ୍ତି ସାରା ସମାଜର ସମସ୍ୟା ସମାଧାନ ପାଇଁ ନିଆଯାଇଥାଏ । ଉଦାହରଣ ସ୍ୱରୂପ ଟିକସ ସଂଗ୍ରହ, ସରକାରୀ ଖର୍ଚ୍ଚ ଏବଂ କଲ୍ୟାଣ ଜନିତ ବ୍ୟୟ ସଂପର୍କିତ ନୀତିଗତ ନିଷ୍ପତ୍ତି ଯାହା ସମୁଦାୟ ଅର୍ଥନୀତିକୁ ପ୍ରଭାବିତ କରେ । ଏ ସମସ୍ତ ନୀତି କିପରି ନିର୍ଦ୍ଧାରିତ ହୁଏ ଓ କାର୍ଯ୍ୟକରେ ତାହା ହିଁ ହେଉଛି ସାମୁହିକ ଅର୍ଥନୀତିର ବିଷୟ ବସ୍ତୁ ।

ବ୍ୟଷ୍ଟି/ଏକକ ଅର୍ଥନୀତିରେ ଆମେ ବ୍ୟକ୍ତିଟିର ବ୍ୟବହାର ନେଇ ଆଲୋଚନା କରୁ ଉଭୟେ କ୍ରେତା ଓ ବିକ୍ରେତା ରୂପେ । କ୍ରେତାରୂପେ ବ୍ୟକ୍ତିଟିଏ ସେବା ଓ ସାମଗ୍ରୀ ଉପରେ ବ୍ୟୟକରେ ଯାହାକୁ ଉପଭୋଗ ଖର୍ଚ୍ଚ କୁହାଯାଏ । ଯଦି ସମସ୍ତ ବ୍ୟକ୍ତି ବିଶେଷଙ୍କ ଉପଭୋକ୍ତା ଖର୍ଚ୍ଚକୁ ଆମେ ଏକାଠି କରିବା ତାହେଲେ ଆମେ ସମୁଦାୟ ଅର୍ଥନୀତିର ଉପଭୋଗ ଖର୍ଚ୍ଚ ପାଇବା । ଏହା ହେଉଛି ଆମ ରାଷ୍ଟ୍ରର ଆୟ ବା ଜାତୀୟ ଆୟ । ତାହେଲେ ଜାତୀୟ ଆୟ, ରାଷ୍ଟ୍ରର ସମୁଦାୟ ଉପଭୋଗ ଖର୍ଚ୍ଚ ଇତ୍ୟାଦି ଅର୍ଥନୀତି ଅନ୍ତର୍ଗତ । ସେହିପରି ସମସ୍ତ ବ୍ୟକ୍ତିଙ୍କର

ସମୁଦାୟ ଆୟ ହେଉଛି ଦେଶର ଜାତୀୟ ଆୟ । ତେଣୁ ଦେଶର ଜାତୀୟ ଆୟ ସମୁଦାୟ ଉପଭୋଗ ହେଉଛି ସମଷ୍ଟି ଅର୍ଥନୀତି ।

ସାମୁହିକ ଅର୍ଥନୀତିର ଆଉ ଏକ ଅନୁଶୀଳନ ହେଉଛି ମୁଦ୍ରାସ୍ଫୀତି ଓ ଦରବୃଦ୍ଧି ବର୍ଦ୍ଧିତ ଦରଦାମ୍ ନେଇ ଆଲୋଚନା ବା ପଠନ ।

ମୁଦ୍ରାସ୍ଫୀତି ବା ଦରବୃଦ୍ଧି କେବଳ ବ୍ୟକ୍ତିକୁ ପ୍ରଭାବିତ କରିନଥାଏ ବରଂ ସାରା ଅର୍ଥନୀତିକୁ ପ୍ରଭାବିତ କରିଥାଏ । ଏଣୁ ଏହାର କାରଣ, ପ୍ରଭାବ ଏବଂ ନିରାକରଣର ପଠନ ଓ ଆଲୋଚନା ସାମୁହିକ ଅର୍ଥନୀତି ଅନ୍ତର୍ଗତ ଅଟେ ।

ଠିକ୍ ସେପରି ବେକାରୀ ସମସ୍ୟା, ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନୟନ ଆଦି ସମୁଦାୟ ଜନସମାଜକୁ ପ୍ରଭାବିତ କରେ ତେଣୁ ଏଗୁଡିକ ସାମୁହିକ ଅର୍ଥନୀତିର ଆଲୋଚନା ଅନ୍ତର୍ଗତ ଅଟେ ।

## ପାଠ୍ୟ ପ୍ରଶ୍ନାବଳୀ ୧.୨

ମତାମତ ଠିକ୍ ବା ଭୁଲ୍ ବୁଝାଇ ଲେଖ ।

୧. ମୁଦ୍ରାସ୍ଫୀତି ବ୍ୟଷ୍ଟି/ଏକକ ଅର୍ଥନୀତି ଅନ୍ତର୍ଗତ ଏକ ଅନୁଶୀଳନ ।

୨. କୌଣସି ଏକ ବସ୍ତୁର ଦର ନିର୍ଦ୍ଧାରଣ ହେବା ସାମୁହିକ ଅର୍ଥନୀତିର ଏକ ସମସ୍ୟା ।

୩. ସାମୁହିକ ଅର୍ଥନୀତି ନିଯୁକ୍ତି ଓ ବେକାରୀ ସମସ୍ୟା କଥା ବୁଝିଥାଏ । ନିଯୁକ୍ତି ଓ ବେକାରୀ ସମସ୍ୟା ସାମୁହିକ ଅର୍ଥନୀତି ଅନ୍ତର୍ଗତ ଅଟେ ।

୪. କୌଣସି ଏକ ବସ୍ତୁ କିଣିବାର ବ୍ୟକ୍ତିଗତ ନିଷ୍ପତ୍ତି ବ୍ୟଷ୍ଟି ଅର୍ଥନୀତି ଅନ୍ତର୍ଗତ ।

## ୧.୩ ସକରାତ୍ମକ ବନାମ ନିୟାମକ ଅର୍ଥନୀତି (Positive Vrs Normative Economics)

ଅର୍ଥନୀତି ଅଧ୍ୟୟନ ଆମକୁ ଉଭୟ ସକରାତ୍ମକ ଓ ନିୟାମକ ଅର୍ଥନୀତିର ବିଭିନ୍ନ ବିଭାଗ କଥା କହିଥାଏ । ଯେପରିକି ଆମ ଚାରିପାଖେ ଘଟୁଥିବା ଘଟଣା ଆମେ ନେଉଥିବା ନିଷ୍ପତ୍ତି ନିୟମାବଳୀ ପ୍ରସ୍ତୁତ କରିବା ଓ ପାଳନ କରିବା 'ଅର୍ଥନୈତିକ ସମସ୍ୟାର ସମାଧାନ ପାଇଁ' । ସକରାତ୍ମକ ଅର୍ଥନୀତି ଆମକୁ କହିଥାଏ କ'ଣ ଘଟିଛି କିନ୍ତୁ ନିୟାମକ ଅର୍ଥନୀତି ଆମକୁ କୁହେ କ'ଣ ହେବା ଉଚିତ୍ । ସକରାତ୍ମକ ଅର୍ଥନୀତି ଘଟଣା ସଂପର୍କରେ କହୁଥିବା ବେଳେ ବା ଘଟିବାକୁ ଯାଉଥିବା କିଛି ଅର୍ଥନୀତି ସମ୍ବନ୍ଧୀୟ କଥା କହୁଥିବାବେଳେ ନିୟାମକ ଅର୍ଥନୀତି ତାହାର ମୂଲ୍ୟାଙ୍କନ କରିଥାଏ ଏବଂ ଆମକୁ କହିଥାଏ କ'ଣ ହେବା ଉଚିତ୍ ଥିଲା । ନିମ୍ନଲିଖିତ ମତାମତକୁ ଆଲୋଚନା କରାଯାଉ ।

(କ) ଭାରତର ଜନସଂଖ୍ୟା ଶହେ କୋଟିରୁ ଟପିଗଲାଣି । ଭାରତ ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ।

(ଖ) ଭାରତ ତାର ଜନସଂଖ୍ୟାକୁ ଏପରି ଦ୍ରୁତଗତିରେ ବୃଦ୍ଧିହେବାକୁ ଦେବା ଉଚିତ୍ ନୁହେଁ । ଏହା ଏହାର ଜନସଂଖ୍ୟାକୁ ନିୟନ୍ତ୍ରିତ କରିବା ଦରକାର ।

ପ୍ରଥମ ମତାମତଟି ଏପରି ଏକ ବିଷୟ ଯାହା ଘଟୁଛି । ଏହାକୁ ସକରାତ୍ମକ ଅର୍ଥନୀତି କୁହାଯାଏ । ଦ୍ୱିତୀୟ ମତାମତଟି ଭାରତୀୟ ଜନସଂଖ୍ୟା ଉପରେ ଏକ ମୂଲ୍ୟାୟନ ଅଟେ । ଏହା ଏକ ନିୟାମକ ମତାମତ (Normative Statement) ।

ବର୍ତ୍ତମାନ ଆଉ କିଛି ମତାମତକୁ ବିଚାରକୁ ନିଆଯାଉ ।

(ଗ) ଶ୍ରମିକମାନେ ଅଧିକ କାମ କରିବେ ଯଦି ସେମାନଙ୍କୁ ଅଧିକା ମଜୁରୀ ଦିଆଯିବ ।

(ଘ) କାରଖାନାମାନେ ଶ୍ରମିକଙ୍କ ମଜୁରୀହାର ବୃଦ୍ଧିକରିବା ଉଚିତ୍ ସେମାନଙ୍କ କଠିନ ପରିଶ୍ରମର ନ୍ୟାୟୋଚିତ ମୂଲ୍ୟ ପାଇଁ ଚତୁର୍ଥ ମତାମତଟି ନିୟାମକ ଅଟେ କାରଣ ଏହା ସଠିକ୍ କଥା ନେଇ କହୁଛି, ଯଦି ଏହା ଘଟେ ତେବେ ସମାଜର ହିତ ହେବ । ତୃତୀୟ ମତାମତଟି ସକରାତ୍ମକ ଅଟେ । ଏହା କିଛି ତଥ୍ୟ ବା ଘଟଣା ନେଇ କହୁଛି ।

ବ୍ୟକ୍ତି ବା ସରକାର ବା ବ୍ୟବସାୟିକ ସଂସ୍ଥା ନେଉଥିବା ଅର୍ଥନୈତିକ ନିଷ୍ପତ୍ତି ଉଭୟ ସକରାତ୍ମକ ଓ ନିୟାମକ ହୋଇଥାଏ ।

ଉଦାହରଣ ସ୍ୱରୂପ ପ୍ରଥମ ଓ ଦ୍ୱିତୀୟ ମତାମତ ହେଉଛି କାରଣ ଭାରତରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲେ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେବ । ତେଣୁ ସରକାର ଦ୍ରୁତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଫଳପ୍ରଦ ପରିବାର ନିୟୋଜନ ଓ ଅନ୍ୟାନ୍ୟ ପଦକ୍ଷେପ ନେବା ଆବଶ୍ୟକ । ସେହିପରି ତୃତୀୟ ଓ ଚତୁର୍ଥ ମତାମତ ହେଉଛି ସରକାର ସର୍ବନିମ୍ନ ମଜୁରୀ ଆଇନ୍ କାର୍ଯ୍ୟକାରୀ କଲେ ଶ୍ରମିକ ମାନଙ୍କୁ ଉଚିତ୍ ନ୍ୟାୟ ମିଳିପାରିବ ।

## ପାଠ୍ୟ ସମ୍ବନ୍ଧୀୟ ପ୍ରଶ୍ନାବଳୀ ୧.୩

ନିମ୍ନଲିଖିତ ମତାମତ ସକରାତ୍ମକ କିମ୍ବା ନିୟାମକ

(କ) ଭାରତରେ ବହୁସଂଖ୍ୟାରେ ଗରୀବ ଲୋକ ଅଛନ୍ତି ।

(ଖ) ସରକାର ଶିକ୍ଷା ଉପରେ ବେଶି ଖର୍ଚ୍ଚ କରିବା ଉଚିତ୍ ।

(ଗ) ଗରୀବ ଜନସାଧାରଣ ଅତ୍ୟାବଶ୍ୟକ ସମାଗ୍ରୀର ମୂଲ୍ୟବୃଦ୍ଧିର ଯନ୍ତ୍ରଣା ପାଆନ୍ତି ।

(ଘ) ବ୍ୟାଙ୍କ ସୁଧହାର ବୃଦ୍ଧି କରିଛି ।

(ଙ) ଜନସାଧାରଣ ପୋଷ୍ଟଅଫିସ୍ ଓ ବ୍ୟବସାୟିକ ବ୍ୟାଙ୍କରେ ସଞ୍ଚୟ କରିବାପାଇଁ ପ୍ରୋତ୍ସାହିତ ହେବା ଉଚିତ୍ ।

## ତୁମେ କ'ଣ ଶିଖିଲ

- ଅର୍ଥନୀତି ସମାଜିକ ବିଜ୍ଞାନର ଅଂଶରୂପେ, ବିବେଚିତ ହୋଇଛି ଏକ ବିଜ୍ଞାନ

  (କ) ସଂପଦ (ଖ) କଲ୍ୟାଣ (ଗ) ସ୍ୱଚ୍ଛତା ଓ ଚୟନ (ଘ) ଅଭିବୃଦ୍ଧି ଓ ଉନ୍ନୟନ (ଙ) ସ୍ଥିର ଉନ୍ନୟନ
- ବ୍ୟଷ୍ଟି(Micro) ଅର୍ଥନୀତି ଓ ସାମୁହିକ (Macro) ଅର୍ଥନୀତିର ଦୁଇଟି ମୂଖ୍ୟଶାଖା
- ବ୍ୟଷ୍ଟି (Micro) ଅର୍ଥନୀତି ବ୍ୟକ୍ତି ଏବଂ ଅନୁଷ୍ଠାନ ନେଉଥିବା ଅର୍ଥନୈତିକ ନିଷ୍ପତ୍ତିକୁ ସୂଚାଏ ।
- (Macro) ସାମୁହିକ ଅର୍ଥନୀତି ସମୁଦାୟ ସାମଗ୍ରିକ ସ୍ତରରେ ହେଉଥିବା ପରିବର୍ତ୍ତନ କଥା ବୁଝାଏ ।
- ଅର୍ଥନୈତିକ ତଥ୍ୟ ଓ ପରିସଂଖ୍ୟାନକୁ ସକରାତ୍ମକ ଅର୍ଥନୀତି ବୋଲି କୁହାଯାଏ ।
- ନିୟାମକ ଅର୍ଥନୀତି କ'ଣ ହେବା ଉଚିତ୍ ତାହା ସୂଚାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଅର୍ଥନୀତି ଏକ ସ୍ୱଳ୍ପତା ଓ ଚୟନର ବିଜ୍ଞାନ ବୁଝାଇଲେଖ ।

୨. ସଂପଦ ବିଜ୍ଞାନ କିପରି କଲ୍ୟାଣକାରୀ ବିଜ୍ଞାନଠାରୁ ଭିନ୍ନ ବୁଝାଇଲେଖ ।

୩. ବ୍ୟଷ୍ଟି ଅର୍ଥନୀତି ଓ ସାମୁହିକ ଅର୍ଥନୀତିର ପାର୍ଥକ୍ୟ ଦର୍ଶାଅ ।

୪. ସକରାତ୍ମକକ ଓ ନିୟାମକ ଅର୍ଥନୀତି ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଇଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

ପାଠଗତ ପ୍ରଶ୍ନାବଳୀ ୧.୧

୧. ଅର୍ଥନୀତି ବିଜ୍ଞାନ ରୂପେ, ସଂପଦ ସୃଷ୍ଟିର କାରଣ ଓ ପ୍ରକୃତିକୁ ବାଖ୍ୟାକରେ, ସଂପଦ ସୃଷ୍ଟିରେ ବ୍ୟକ୍ତି ଓ ଦେଶର ଅବଦାନକୁ ହିଁ ବୁଝାଏ ।

୨. କଲ୍ୟାଣର ପରିମାଣାତ୍ମକ ବିଭାଗକୁ ବୁଝାଏ ।

**ପାଠଗତ ପ୍ରଶ୍ନାବଳୀ ୧.୨**

କ) ଭୁଲ (ଖ) ଭୁଲ (ଗ) ଠିକ୍ (ଘ) ଠିକ୍

**ପାଠଗତ ପ୍ରଶ୍ନାବଳୀ ୧.୩**

(କ) ସକରାତ୍ମକ (ଖ) ନିୟାମକ
(ଗ) ସକରାତ୍ମକ (ଘ) ସକରାତ୍ମକ (ଙ) ନିୟାମକ

# ୨

# ମାନବୀୟ ଅଭାବ ଏବଂ ସମ୍ବଳ

ଆମର ଦୈନନ୍ଦିନ ଜୀବନରେ ଆମେ ଦେଖୁଯେ ବିଭିନ୍ନ ବ୍ୟକ୍ତି ବିଶେଷ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ଉଦାହରଣ ସ୍ୱରୂପ କେହି କେହି ଚାଷକାର୍ଯ୍ୟ କରୁଥିବା ବେଳେ, କେହି ଦପ୍ତର ବା କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି, କେହି ପନିପରିବା ବିକୁଥିବା ବେଳେ, କେତେକଙ୍କର ବିଭିନ୍ନ ପ୍ରକାର ଦୋକାନ ଥାଏ ଏବଂ କେହି କାରଖାନା ଚଳାଉଥାନ୍ତି । ଏମାନେ ସମସ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟରେ ବ୍ୟସ୍ତ କିଛି ଆୟ କରିବାପାଇଁ । ସେମାନଙ୍କୁ ଆୟ ଉପାର୍ଜନ କରିବାକୁ ପଡିବ, କାରଣ ସେମାନଙ୍କୁ ସେମାନଙ୍କର ଅଭାବ ମେଣ୍ଟାଇବାକୁ ପଡିବ ।

ଆୟ ଉପାର୍ଜନ କରିବାକୁ ହେଲେ ମାନବକୁ ଉଭୟ ମନୁଷ୍ୟକୃତ ଓ ପ୍ରାକୃତିକ ସଂପଦକୁ ଉପଯୋଗ କରିବାକୁ ପଡିବ । ଅଭାବ ଅସୀମ କିନ୍ତୁ ସମ୍ବଳ ସିମୀତ ଓ ସ୍ୱଳ୍ପ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଢ଼ିବାପରେ ତୁମେ ଏ ସବୁ ଜାଣିବ ।

- ଅଭାବ କହିଲେ କ'ଣ ବୁଝ ?
- ବୁଝାଇଲେଖ ଅଭାବ କିପରି ଉପୁଜେ ଏବଂ ବୃଦ୍ଧିପାଏ ।
- ଜାଣିରଖଯେ ସବୁ ଅଭାବ ପରିପୂରଣ କରାଯାଇ ପାରିବନି ।
- ଅଭାବର ଗୁଣାବଳୀ ବା ବୈଶିଷ୍ଟ୍ୟ ଉଲ୍ଲେଖ କର ।
- ସମ୍ବଳ କିପରି ଅଭାବ ପରିପୂରଣ କରେ ତାହା ଜାଣ ।
- ଅର୍ଥନୈତିକ ଏବଂ ଅଣଅର୍ଥନୈତିକ ଅଭାବ ମଧ୍ୟରେ ଥିବା ତାରତମ୍ୟ ।
- ଉନ୍ନୟନ ସହିତ ଅଭାବ ପ୍ରସାରିତ ହୁଏ ଏବଂ ପରିବର୍ତ୍ତନ ହୁଏ ବା ବଦଳେ ।
- ଭାରତୀୟ ଦର୍ଶନର ସିମୀତ ଅଭାବ ତତ୍ତ୍ୱର ରହସ୍ୟ ଜାଣିରଖ ।

## ଅଭାବ କ'ଣ

ସାମଗ୍ରୀ, ବସ୍ତୁ ଠୁଳ କରିବା ମନୁଷ୍ୟର ସହଜାତ ପ୍ରବୃତ୍ତି । ସେହି ଇଚ୍ଛାମାନଙ୍କର ଅନ୍ତନଥାଏ । ବର୍ତ୍ତମାନ ପାଇଁ ସେ ସବୁ ଇଚ୍ଛାକୁ "ଅଭିଳାଷ" ବା "କାମନା" ବୋଲି ଗ୍ରହଣ କରାଯାଉ । ଜଣେ କାମନା କରିପାରେ ଭଲ ଘରଟିଏ ପାଇଁ, ଗୋଟିଏ କାର, କମ୍ପ୍ୟୁଟର, ସୁଷମଖାଦ୍ୟ ଉତ୍ତମ ପୋଷାକ ଆଦି । ଜଣେ କିପରି ଏହା ପ୍ରାପ୍ତ କରିବ ? ହୁଏତ ଏ ସବୁ ପ୍ରାପ୍ତ ହୋଇପାରେ ଯଦି ତା ପାଖରେ ପଇସା ଅଛି । ଯଦି ଜଣକର ଯଥେଷ୍ଟ ପଇସା ନାହିଁ ତାହାହେଲେ ଗୋଟାଏ, ଦୁଇଟା ଏପରିକି ଏଥିମଧ୍ୟରୁ କିଛି ବି କିଣି ପାରିବେ ନାହିଁ । ଆମର କେଉଁ

କାମନା ଆମେ ପୂରଣ କରିପାରିବା ତାହା ନିର୍ଭର କରେ ଆମ ପଇସା ଦେଇପାରିବାର ଦକ୍ଷତା ବା ଆମ କ୍ରୟଶକ୍ତି ଉପରେ । ଏଣୁ ସମସ୍ତ କାମନା ପୂରଣ ହେବା ସମ୍ଭବନୁହେଁ କାରଣ ଆମକୁ ପଇସା ଦରକାର ଏ ସବୁକୁ ଚରିତାର୍ଥ କରିବାକୁ ହେଲେ ବା ପାଇବାକୁ ହେଲେ । ଯେଉଁ ଇଛା ବା କାମନା ଗୁଡ଼ିକ ପଇସାଥିବା କାରଣରୁ ଅଭିପ୍ରେତ ଏବଂ ପ୍ରୋତ୍ସାହିତ କ୍ରୟ କରିବା ପାଇଁ ତାହାକୁ ଅଭାବ କୁହାଯାଏ । ଅନ୍ୟଭାଷାରେ କହିଲେ ଅଭାବ ତାହାକୁ କୁହାଯିବ ଯାହା ହାସଲ କରିବା ପାଇଁ ଇଛାଟିଏ କେବଳ ନଥିବ, ପଇସା ଦେବାପାଇଁ ଇଛାଥିବ ଏବଂ ପଇସା ଦେଇପାରିବାର ସାମର୍ଥ୍ୟ ମଧ୍ୟ ଥିବ । ଜଣେ ଭିକାରୀର କାରଟିଏ ହାସଲ କରିବାର ଇଛା ଥାଇପାରେ କିନ୍ତୁ ଏହାକୁ ଅଭାବ କୁହାଯାଇପାରିବନି କାରଣ ତା ପାଖରେ ଯଥେଷ୍ଟ ପଇସା ନାହିଁ । କିନ୍ତୁ ଜଣେ ଧନୀଲୋକ ଯଦି କାରଟିଏ କିଣିବାପାଇଁ ଇଛାକଲା ଏବଂ କିଣିବାପାଇଁ ଇଛା ତାହାହେଲେ ଏପରି କାମନାକୁ ଅଭାବ କୁହାଯାଇ ପାରିବ ।

ଜିନିଷ ପାଇବାର ଇଛା / କାମନା

ପଇସା ଦେଇପାରିବାର ସାମର୍ଥ୍ୟ ଓ ପଇସା ଦେଇ କିଣିପାରିବାର ଇଛା

ଜିନିଷ ପାଇବାର ଅଭାବ

## ୨.୨ ଅଭାବ କିପରି ସୃଷ୍ଟିହୁଏ ଏବଂ ବୃଦ୍ଧିପାଏ

ଅଭାବ ଆମ ଜୀବନ ସହିତ ଜଡ଼ିତ । ମନୁଷ୍ୟର ଜନ୍ମସହିତ ଏହାର ସୃଷ୍ଟି । ପ୍ରାଚୀନ କାଳରେ ମନୁଷ୍ୟ ସନ୍ତୁଷ୍ଟ ଥିଲା ଯେତେବେଳେ ଜଙ୍ଗଲରେ ରହୁଥିଲା, ଝରଣାରୁ ପାଣି ପିଉଥିଲା, ଗଛରୁ ଫଳ ତୋଳି ଖାଉଥିଲା ବା ପଶୁ ମାଂସରେ ତାର କ୍ଷୁଧା ନିବାରଣ କରୁଥିଲା ତା'ର ଅଭାବ ସିମୀତ ଥିଲା ଯାହାକି କେବଳ ଖାଦ୍ୟ ବାସସ୍ଥଳୀ ରହଣି ଏବଂ ବସ୍ତ୍ରକୁ ନେଇ ସଂପର୍କିତ ଥିଲା । ସମୟକ୍ରମେ ଏଇ ଅଭାବ ବୃଦ୍ଧିପାଇଲା । ଏହା କିପରି ହେଲା ?

ଅଗ୍ନିର ଆବିଷ୍କାର ସହିତ ମନୁଷ୍ୟ ରାନ୍ଧି ଖାଇବା ଶିଖିଲା । ଏହା ନୂଆ ନୂଆ ଖାଦ୍ୟ ଆବିଷ୍କାରରେ ସହାୟକ ହେଲା । ମନୁଷ୍ୟର ରୁଚିବଦଳିଲା ଏବଂ ପ୍ରସାରିତ ହେଲା । ବହୁପ୍ରକାରର ଖାଦ୍ୟ ସାମଗ୍ରୀ ଉପୁଜିଲା । ଆଜି ଆମେ ଦେଖୁଛେ ବିଭିନ୍ନ ପ୍ରକାରର ସ୍ୱାଦ, ରଙ୍ଗ, ଆକୃତିର ଖାଦ୍ୟପଦାର୍ଥ ।

ପୋଷାକ ନେଇ ଏହା କୁହାଯାଇପାରେ, ମନୁଷ୍ୟ ସିଲାଇହୋଇନଥିବା ପଶୁ ଚମଡାରୁ ଏବଂ ଗଛର ପତ୍ରରୁ ବିଭିନ୍ନ ପ୍ରକାର ବସ୍ତ୍ରରେ ଆସି ପହଞ୍ଚିଛି । ଭଲରେ ରହିବାପାଇଁ ମନୁଷ୍ୟ ନୂଆ ନୂଆ ବସ୍ତ୍ରର ଉଦ୍ଭାବନ ଏବଂ ଆବିଷ୍କାର କରିଛି । ଯେହେତୁ ଜ୍ଞାନ, ରୁଚି, ଫେସନ ପସନ୍ଦ ବଢ଼ିବାରେ ଲାଗିଛି ନୂଆ ଏବଂ ଉତ୍ତମ ପୋଷାକର ସମ୍ଭାର ସୃଷ୍ଟି ହେଉଛି ।

ଠିକ୍ ସେହିପରି ବାସସ୍ଥାନ/ଘରର ଆବଶ୍ୟକତା ନେଇ ବିରାଟ ପରିବର୍ତ୍ତନ ହୋଇଛି । ମନୁଷ୍ୟର ଯାତ୍ରା, ଗୁମ୍ଫା, କୁଡିଆରୁ, ଚାଳଛପର ଘରରୁ ଆଜି ଇଟା ତିଆରି ପକ୍କା ଘରେ ଆସି ପହଞ୍ଚିଲାଣି । ବର୍ତ୍ତମାନ, କାଠ, ପକ୍କାଘର, ବଙ୍ଗଳା ମହଲ ସବୁ ସୌଖୀନ ଦରଜା/କବାଟ, ଝରକା ଅନ୍ୟାନ୍ୟ ସାଜସଜ୍ଜା ପରିପୂର୍ଣ୍ଣ ପେଣ୍ଟ ଓ ସାମଗ୍ରୀର ବହୁଳ ବ୍ୟବହାର ହେଲାଣି ।

ଏ ସବୁ ସତ୍ତ୍ୱେ କେତେଗୁଡିଏ ଅଭାବ ଜୀବନ ପାଇଁ ଆବଶ୍ୟକ । ଉଦାହରଣ ସ୍ୱରୂପ ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏଗୁଡ଼ିକ ମୌଳିକ ଅଭାବ ବା ଅତି ଆବଶ୍ୟକ ସାମଗ୍ରୀ ବୋଲି କୁହାଯାଏ । ଆଉ କିଛି ଅଭାବ ଅଛି ଯାହା ଆମ ଜୀବନକୁ ସହଜ ଏବଂ ଆରାମଦାୟକ କରେ । ଏଗୁଡ଼ିକ ଆରାମ ଦାୟକ ସାମଗ୍ରୀ ଶ୍ରେଣୀଭୁକ୍ତ । ଉଦାହରଣ ସ୍ୱରୂପ କୁଲର, ସ୍କୁଟର ଆଦି । ଏମିତି କିଛି ସାମଗ୍ରୀ ଅଛି ଯାହା ଆମକୁ ଆନନ୍ଦ ଦେବ କିନ୍ତୁ ବ୍ୟୟବହୁଳ । ଉଦାହରଣ ସ୍ୱରୂପ ବିଳାସପୂର୍ଣ୍ଣ କାର, ଡାଏମଣ୍ଡ ଅଳଙ୍କାର ଆଦି । ଏଗୁଡ଼ିକ ବିଳାସ ସାମଗ୍ରୀ ବୋଲି କୁହାଯାଏ ।







## ୨.୩ ଅଭାବର ପରିତୃପ୍ତି (Salisfaction of wants)

ଆମର ସବୁ ଅଭାବ ପୂରଣ ହେବା ସମ୍ଭବ କି ! ଗୋଟିଏ ଅଭାବ ପୂରଣ ହେଲେ ଆଉ ଗୋଟେ ତା ସ୍ଥାନ ନିଏ, ଅଭାବ ବୃଦ୍ଧିପାଏ କାରଣ ଆମେ କାମନା କରୁ କିପରି ଭଲରେ ଓ ଆରାମରେ ରହିବୁ । ନୂଆ ନୂଆ ଦ୍ରବ୍ୟ ଓ ସେବାର ଆଗମନ ସହିତ ଆମେ ସେସବୁକୁ ହାସଲ କରିବାକୁ ଆଗଭର ହେଉ । ଅଭାବ ସେବା ଓ ଦ୍ରବ୍ୟ ଦ୍ୱାରା ପୁରଣ ହୋଇଥାଏ । ଦ୍ରବ୍ୟ ଓ ସେବା ସମ୍ବଳ ଦ୍ୱାରା ଉତ୍ପାଦନ ହୋଇଥାଏ । ଭୂମି, ଶ୍ରମ, ପୁଞ୍ଜି ଓ ଉଦ୍ୟୋକ୍ତାକୁ ସମ୍ବଳ କୁହାଯାଏ, ଯାହା ସାହାଯ୍ୟରେ ଦ୍ରବ୍ୟ ଓ ସେବା ଉତ୍ପାଦନ ହୋଇଥାଏ । ଅଭାବ ଅସୀମ କିନ୍ତୁ ଯେଉଁ ସମ୍ବଳ ଦ୍ୱାରା ତାହା ପୂରଣ ହୋଇପାରେ ତାହା ସିମୀତ / ସ୍ୱଳ୍ପ ଯେତେବେଳ ଗୋଟାଏ ଅଭାବ ପୂରଣ ହୋଇଯାଏ ତତ୍‌କ୍ଷଣାତ୍ ଆଉ ଗୋଟିଏ ତା ସ୍ଥାନ ନେଇନିଏ । ଅଭାବ ମଧ୍ୟରୁ କିଛି ମନୁଷ୍ୟର ନିଜସ୍ୱ ଚେଷ୍ଟାରେ ପୂରଣ ହୋଇଯାଏ ସିମୀତ ସମ୍ବଳ ଦ୍ୱାରା କିନ୍ତୁ ଆଉ କେତେ ଗୁଡେ ଅଭାବ ସେ ପୂରଣ କରିପାରେନି । ଏଣୁ ସବୁ ଅଭାବ ପୂରଣ ହୋଇପାରେନାହିଁ କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ଅଭାବ ପୂରଣ କରାଯାଇପାରିବ ।

## ୨.୪ ଅଭାବର ଗୁଣାବଳୀ ବା ବୈଶିଷ୍ଟ୍ୟ/ (Chariterstics of wants)

**ନିମ୍ନଲିଖିତ କେତୋଟି ବିଶେଷ ଗୁଣାବଳୀ ଦ୍ରଷ୍ଟବ୍ୟ ।**

### (କ) ଅଭାବ ଅସୀମ :

ପ୍ରସିଦ୍ଧ ଅର୍ଥନୀତିଜ୍ଞ ମାର୍ଶାଲ ଯଥାର୍ଥରେ କହିଛନ୍ତି ମାନବୀୟ ଅଭାବ ସଂଖ୍ୟାରେ ଅଗଣିତ ଏବଂ ବିଭିନ୍ନ ପ୍ରକାରର ଅଟେ । ଗୋଟିଏ ପୂରଣ ହେଲେ ଆଉ ଗୋଟିଏ ତା ସ୍ଥାନ ନିଏ । ଏହି ସୀମାହିନ ଅଭାବଚକ୍ର ମନୁଷ୍ୟ ତା ଜୀବନସାରା ସମ୍ମୁଖୀନ ହୁଏ । ଉଦାହରଣ ସ୍ୱରୂପ ଯାହାର ଫ୍ୟାନ ନାହିଁ ବା ଯିଏ ଫ୍ୟାନ ବ୍ୟବହାର କରିନାହିଁ ସେ ନିଶ୍ଚୟ ଗୋଟିଏ ଫ୍ୟାନ ଆଣିବାକୁ ଚାହିଁବ । ଯେତେବେଳେ ଏଇ ଅଭାବଟି ପୂରଣ ହୋଇଯିବ ସେ ଇଛାକରିବ ତାର କିପରି କୁଲରଟିଏ ବା ସ୍କୁଟରଟିଏ ହେବ । ଥରେ ଏଗୁଡିକ ପୁରଣ ହୋଇଗଲେ ସେ ଚାହିଁବ ତାର କିପରି ଏୟାର କଣ୍ଡିସନର କାର ଆଦି ଅନ୍ୟାନ୍ୟ ଜିନିଷ ହେବ । ଏଥିରୁ ଆମେ ଜାଣିଲେ ଯେ, ଅଭାବର ଅନ୍ତ ନାହିଁ ।

### (ଖ) ଗୋଟିଏ ନିର୍ଦ୍ଧିଷ୍ଟ ଅଭାବ ପରିତୃପ୍ତକ୍ଷମ

ପ୍ରତ୍ୟେକ ଅଭାବକୁ ଅଲଗାକରି ଦେଲେ ଏହା ପୂରଣ ଯୋଗ୍ୟ । ଏଥିପାଇଁ ଯଥାର୍ଥରେ କୁହାଯାଇଛି ଏକ ନିର୍ଦ୍ଧିଷ୍ଟ ଅଭାବର ସୀମା ଅଛି । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଶୋଷିଲା ଥିଲେ ଶୋଷ ମେଣ୍ଟାଇବା ପାଇଁ ସେ ଗୋଟିଏ, ଦୁଇଟି, ତିନୋଟି, ଗ୍ଲାସ ପାଣି ପିଇବ କିନ୍ତୁ ତା ପରେ ସେଇ ସମୟରେ ତାର ଆଉ ପାଣି ଦରକାର ହେବନାହିଁ ।

### (ଗ) କିଛି ଅଭାବ ବାରମ୍ବାର ଅନୁଭୂତ ହୁଏ

ବହୁତ ଅଭାବ ପୁନଃପୁନଃ ଉପୁଜେ । ଥରେ ପୂରଣ ହେଲେ, କିଛି ଅବଧିପରେ ପୁନଃ ଜାଗରିତ ହୁଏ । ଆମେ ଖାଇଲେ କ୍ଷୁଧାମେଣ୍ଟେ କିନ୍ତୁ କିଛି କ୍ଷଣପରେ ଆମକୁ ଭୋକଲାଗେ ଏବଂ ଭୋକ ମେଣ୍ଟାଇବା ପାଇଁ ଆମକୁ ପୁନଶ୍ଚ ଖାଦ୍ୟ ଦରକାର । ଏଣୁ ଭୋକ ଶୋଷ ପରି ଅଭାବ ବାରମ୍ବାର ଉପୁଜେ ବା ଜାଗରିତ ହୁଏ ।

### (ଘ) ଅଭାବର ପରିବର୍ତ୍ତିତ ରୂପ ।

ଅଭାବ ସ୍ଥାନ କାଳ ପାତ୍ରକୁ ନେଇ ପରିବର୍ତ୍ତିତ ହୁଏ । ତାହା ମଧ୍ୟ ଆୟ ପ୍ରଥା ଫେସନ, ରୁଚି, ବିଜ୍ଞାପନ ଦ୍ୱାରା ପ୍ରଭାବିତ ହୁଏ । ଉଦାହରଣ ସ୍ୱରୂପ ଆମେ ଅସୁସ୍ଥ ହେଲେ ଔଷଧର ଅଭାବ ଅନୁଭବ କରୁ । ବରଫ ଗରମ ଦିନରେ ଆବଶ୍ୟକ ପଡେ । ଆମେ ଗରମ ପୋଷାକ ଆବଶ୍ୟକ କରୁ ଶୀତଦିନରେ ।





ଠିକ୍ ସେପରି ଲୋକେ ଟେଲିଭିଜନ ସେଟ୍, ମୋବାଇଲ ଫୋନ୍, କାର ଏବଂ ଅନ୍ୟାନ୍ୟ ବିଳାସ ସମାଗ୍ରୀ ଦ୍ରବ୍ୟ ବ୍ୟବହାର ଜାଣିଲେଣି କାରଣ ସେମାନଙ୍କର ଆୟ ବଢ଼ିଛି ଓ ରୁଚି ପରିବର୍ତ୍ତିତ ହୋଇଛି । ଏଥିରୁ ଜଣାଗଲା ଅଭାବ ପରିବର୍ତ୍ତନଶୀଳ ଏବଂ ବହୁଗୁଣିତହୁଏ ଗୋଟିଏ ଦେଶର ଅର୍ଥନୈତିକ ଉନ୍ନତି ସହିତ ।

### (ଙ) ବର୍ତ୍ତମାନର ଅଭାବ ଭବିଷ୍ୟତ ଅଭାବଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ

ବର୍ତ୍ତମାନର ଅଭାବ ଆମପାଇଁ ଗୁରୁତ୍ୱପୂର୍ଣ୍ଣ । ଜଣେ ବ୍ୟକ୍ତି ତାର ସିମୀତ ସମ୍ବଳକୁ ବର୍ତ୍ତମାନର ଅଭାବ ପୂରଣପାଇଁ ଉପଯୋଗ କରେ । ସେ ଭବିଷ୍ୟତ ଅଭାବ ନେଇ ଏତେ ଚିନ୍ତିତ ନୁହେଁ କାରଣ ଭବିଷ୍ୟତ ଅନିଶ୍ଚିତ ଏବଂ କମ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ ପିଲା ମାନଙ୍କର ବର୍ତ୍ତମାନର ଶିକ୍ଷାପାଇଁ ବ୍ୟବସ୍ଥାକରିବା ଅଧିକା ଗୁରୁତ୍ୱପୂର୍ଣ୍ଣ, ଭବିଷ୍ୟତ ବାର୍ଦ୍ଧକ୍ୟ ପାଇଁ ବ୍ୟବସ୍ଥା କରିବା ତୁଳନାରେ ।

### (ଚ) ଅଭାବ ବଦଳେ ଓ ପ୍ରସାରିତ ହୁଏ ଉନ୍ନତି ସହିତ ।

ଅଭାବ କିପରି ବଦଳେ ବା ପରିବର୍ତ୍ତିତ ହୁଏ ତାର ଏକ ସରଳ ନମୁନା ହେଉଛି ଟେଲିଫୋନ୍ । ଅତୀତରେ ଗ୍ରାମାଞ୍ଚଳରେ ଟେଲିଫୋନ ବେଶି ନଥିଲା । କିନ୍ତୁ ଟେଲିଫୋନ ଆଜି ଏକ ଆବଶ୍ୟକତା ନିଜର ଲୋକଙ୍କ ସହିତ ସଂପର୍କ ରଖିବାକୁ ହେଲେ । ଅତୀତରେ ଲୋକେ ଟେଲିଫୋନ୍ ବ୍ୟବହାର କରୁଥିଲେ ବର୍ତ୍ତମାନ ମୋବାଇଲ ଫୋନ୍ । ସେମାନେ ସେଥିରେ କ୍ୟାମେରା, ଇଣ୍ଟରନେଟ୍ ଆଦି ଅନ୍ୟାନ୍ୟ ସୁବିଧାଥିବା ଚାହୁଁଛନ୍ତି ।

### ପାଠ୍ୟ ସମ୍ବନ୍ଧୀୟ ପ୍ରଶ୍ନାବଳୀ ୨.୧

୧. କାମନା ବା ଇଚ୍ଛାକରିବା କିପରି ଅଭାବଠାରୁ ଭିନ୍ନ ।

୨. ଅଭାବ ଉଦ୍ରେକ ହୁଏ ଓ ବୃଦ୍ଧିପାଏ । ଏକ ଉଦାହରଣ ଦିଅ ।

୩. ସମସ୍ତ ଅଭାବ ପୂରଣ କାହିଁକି ସମ୍ଭବ ନୁହେଁ ?

୪. ଅଭାବର ଗୁଣାବଳୀନେଇ ଦୁଇଟି ଉଦାହରଣ ନିଅ ।

୫. କେବେ ଗୋଟିଏ ଇଚ୍ଛା ବା କାମନା ଅଭାବରେ ପରିଣତ ହୁଏ ?

## ୨.୫ ସମ୍ବଳ କିପରିଭାବେ ଅଭାବ ପୂରଣ କରେ

ଆଗରୁ ଯେପରି କୁହାଯାଇଛି ଦ୍ରବ୍ୟ ସାମଗ୍ରୀ ଓ ସେବାଦ୍ୱାରା ଅଭାବ ପୂରଣ କରାଯାଏ । ଏହି ସେବା ସାମଗ୍ରୀ ଉତ୍ପାଦନପାଇଁ ସମ୍ବଳର ବିନିଯୋଗ ହୁଏ । ବଢୁଥିବା ଅଭାବର ପରିପୂରଣ ପାଇଁ ସମ୍ବଳର ବେଶି ବେଶି ଉପଯୋଗ ହେଉଛି । ସମ୍ବଳ ପ୍ରାକୃତିକ ବା ମନୁଷ୍ୟକୃତ ହୋଇପାରେ । ସମସ୍ତ ସମ୍ବଳକୁ ଭୂମି, ଶ୍ରମ,ପୁଞ୍ଜି ଓ ଉଦ୍ୟୋକ୍ତା ରୂପେ ବିଭକ୍ତିକରଣ କରାଯାଇପାରେ । ଆମେ ଭୂମି, ଶ୍ରମ, ଟ୍ରାକ୍ଟର ଓ ପମ୍ପ ବ୍ୟବହାର କରୁ । କୃଷକ ଏ ସକଳ ଉପାଦାନକୁ ସଂଗଠିତ କରେ ଗହମ ଉତ୍ପାଦନ ପାଇଁ । ସେ ମଧ୍ୟ ବିହନ, ଖତ ଓ ସାର ଏହି ପ୍ରକ୍ରିୟାରେ ବ୍ୟବହାର କରେ । ଅର୍ଥାତ୍ ଗହମ ଉତ୍ପାଦନ ପ୍ରକ୍ରିୟାରେ ଏ ସମସ୍ତ ସମ୍ବଳ ବିନିଯୋଗ ବା ସଂପୃକ୍ତ । ଠିକ୍ ସେପରି ଅନ୍ୟାନ୍ୟ ସମସ୍ତ ସେବା ଓ ସାମଗ୍ରୀର ଉତ୍ପାଦନ ପାଇଁ ସମ୍ବଳ ବିନିଯୋଗ ହୁଏ । ସମ୍ବଳ କ'ଣ ଆମ ଅଭାବପରି ଅପରିସୀମ ? ଉତ୍ତର ନାଁ । ଆମ ଅସୀମ ଅଭାବ ପୁରଣପାଇଁ ଆମେ ବ୍ୟବହାର କରୁଥିବା ସମ୍ବଳ ସିମୀତ ଓ ସ୍ୱଳ୍ପ । ଉନ୍ନୟନ ସହିତ ନୂଆ ନୂଆ ଦ୍ରବ୍ୟ ଓ ସାମଗ୍ରୀ ଉଦ୍ଭାବନ ହେଉଛି ଯାହା ଆମ

ଅଭାବ ବୃଦ୍ଧିରେ ସହାୟକ ହେଉଛି । କିନ୍ତୁ ସମ୍ବଳ ସେହି ଅନୁସାରେ ବୃଦ୍ଧି ପାଉନାହିଁ । ଏହା ଆମକୁ ସମ୍ବଳ ଶେଷ ହୋଇଯିବା ଆଡକୁ ନେଇଯାଏ । ସମ୍ବଳ ଦିନେ ନିଃଶେଷ ହୋଇଯିବ ।

## ୨.୬ ଅର୍ଥନୈତିକ ଓ ଅଣଅର୍ଥନୈତିକ ଅଭାବ

ଆମେ ଏହା ଜାଣିଲେ ଯେ ଅଭାବ ଅସୀମ । ତାହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନ । ଆମେ ଏହା ଜାଣୁ ଯେ ଆମର ଅନେକ ଅଭାବ କିଛି ନିର୍ଦ୍ଦିଷ୍ଟ ସେବା ଓ ସାମଗ୍ରୀ ବ୍ୟବହାର କରି ପରିତୃପ୍ତ ହୁଏ । ଏହାକୁ ଆମେ ବଜାରରୁ ପଇସା / ଦାମ୍ ଦେଇ କିଣିଥାଉ । ଯେଉଁ ଅଭାବ ଗୁଡିକ ସେଇ ସେବା ଓ ସାମଗ୍ରୀ ଦ୍ୱାରା ପରିପୂରଣ ହୁଏ ତାହାକୁ ଅର୍ଥନୈତିକ ଅଭାବ କୁହାଯାଏ ।

ଆମେ ଏମିତି କିଛି ପଦାର୍ଥ ଚାହୁଁ ଯାହାକୁ ଆମେ ବଜାରରୁ ପଇସା ବା ଦାମ୍ ଦେଇ କିଣିନଥାଉ । ସେଗୁଡିକୁ ଅଣଅର୍ଥନୈତିକ ଅଭାବ କୁହାଯାଏ । ଉଦାହରଣ ସ୍ୱରୂପ ନିଶ୍ୱାସ ପ୍ରଶ୍ୱାସ ପାଇଁ ବାୟୁ ଦରକାର କରୁ ବର୍ଷାପାଣି କୃଷିପାଇଁ ଦରକାର କରିଥାଉ । ଆମେ ଯଦି ଅର୍ଥ ଦେଇ କାହାର ରୋଷେଇ ପାଇଁ ସହାୟତା ନେଉ ତାହା ଆମର ଅର୍ଥନୈତିକ ଅଭାବ ହୋଇଥାଏ । କିନ୍ତୁ ଯଦି ଖାଦ୍ୟ ମା ଦ୍ୱାରା ରନ୍ଧାହେଲା ତାହାହେଲେ ତାହା ଅଣ ଅର୍ଥନୈତିକ ଅଭାବ ରୂପେ ପରିଗଣିତ ହେବ ।

### ପାଠ୍ୟନ୍ତପ୍ରଶ୍ନ ୨.୨

୧. ଗହମ ଉତ୍ପାଦନ ପାଇ କ'ଣ କ'ଣ ସମ୍ବଳ ଦରକାର ହୁଏ ।

୨. ନିମ୍ନଲିଖିତ କେଉଁଟି ଯୋଗାଣରେ ସ୍ୱଳ୍ପ ?
(କ) ସମ୍ବଳ(ଖ) ଅଭାବ

୩. ଅର୍ଥନୈତିକ ଅଭାବର ଯେ କୌଣସି ଦୁଇଟିର ଉଦାହରଣ ଦିଅ ।

୪. ଅଣଅର୍ଥନୈତିକ ଅଭାବର ଯେକୌଣସି ଦୁଇଟି ଉଦାହରଣ ଦିଅ ।

## ୨.୭ ଅଭାବ ଉନ୍ନୟନ ସହିତ ପ୍ରସାରିତ ହୁଏ ଓ ବଦଳେ

ଅତୀତ କାଳରେ ମନୁଷ୍ୟ ଖାଦ୍ୟ, ବସ୍ତ୍ର, ଓ ବାସଗୃହ ପରି ସରଳ ଅଭାବ ଗୁଡିକରେ ସନ୍ତୁଷ୍ଟ ରହୁଥିଲା କିନ୍ତୁ ଉନ୍ନୟନ ସହିତ ଏହି ଅଭାବ ଗୁଡିକର ପ୍ରକୃତି ଏବଂ ସଂଖ୍ୟାରେ ପରିବର୍ତ୍ତନ ହେଲା । ଖାଦ୍ୟ ପାଇଁ ଆମ ଅଭାବ ପରିବର୍ତ୍ତିତ ହୋଇଯାଇଛି । ଠିକ୍ ସେପରି ହଳେ ପୋଷାକ ନୁହେଁ ଆମେ ଚାହିଁଛେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଡିଜାଇନର ପୋଷାକ ବଦଳିବା ଫେସନ ସହିତ ଆମେ ଏକ ଭଲ ଘର ଚାହୁଁଛେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ଯଥା ଏଆର କଣ୍ଡିସନର ଆଦି । ତୁମେ ଜାଣ ଯେ ଯୋଗାଯୋଗ ପାଇଁ ଆମେ ସାଧାରଣ ଟେଲିଫୋନ୍‌ଟିଏ ନୁହେଁ, ଆମେ ଚାହିଁଛେ ମୋବାଇଲ ଫୋନ୍ ଯେଉଁଥିରେ କ୍ୟାମେରା, ଇଣ୍ଟରନେଟ ଏବଂ ଭିଡିଓ ରେକଡିଙ୍ଗ ଆଦି ସୁବିଧା ଥିବ । ଏଣୁ ମନୁଷ୍ୟର ବୃଦ୍ଧିପାଉଥିବା ଏବଂ ବଦଳୁଥିବା ଅଭାବ ଅନେକ ଉଦ୍ଭାବନ ଓ ଆବିଷ୍କାରକୁ ଆଣିଦେଇଛି ଯାହା ପରିଶେଷରେ ନୂଆ ଏବଂ ଉନ୍ନତି ସେବା ସାମଗ୍ରୀକୁ ଜନ୍ମ ଦେଇଛି ।

## ୨.୮ ସୀମିତ ଅଭାବ ପ୍ରତି ଭାରତୀୟ ଦର୍ଶନର ଗୁରୁତ୍ୱ /ଭାରତୀୟ ଦର୍ଶନରେ ସିମୀତ ଅଭାବ ପ୍ରତିଥିବା ଗୁରୁତ୍ୱ

ଆମେ ସମସ୍ତେ ଜାଣିଲେ ଅଭାବ ଅପରିସୀମ କିନ୍ତୁ ଏହାକୁ ପରିପୂରଣ କରିବା ପାଇଁ ଆମ ସମ୍ବଳ ସିମୀତ । ଅର୍ଥ ଆମେ ଆମ ଅଭାବକୁ ଯଦି ବଢ଼ାଇ ଚାଲିବା ଆମେ କେବେହେଲେ ସବୁଗୁଡିକ ପରିପୂରଣ କରିପାରିବାନି





ଆମ ସିମୀତ ସମ୍ବଳରେ । ଏହା ଅନେକ ଅସନ୍ତୋଷ ଓ ଅଶାନ୍ତିର ଉଦ୍ରେକ କରିବ । ଅନ୍ୟପକ୍ଷରେ ଆମେ ଯଦି ଆମ ଅଭାବକୁ ସିମୀତ ରଖିବା ତାହାହେଲେ ସେଥିରୁ ଅନେକ ଆମେ ଆମ ସିମୀତ ସମ୍ବଳ ମଧ୍ୟରେ ପରିପୂରଣ କରିପାରିବା ଯାହା ଆମକୁ ଅଧିକାରୁ ଅଧିକା ତୃପ୍ତି, ସନ୍ତୁଷ୍ଟି ଓ ସନ୍ତୋଷ ଦେବା ଭାରତୀୟ ଦର୍ଶନ ଅଭାବ ସିମୀତ ରଖିବାକୁ କହିଆସିଛି ଯାହା ଫଳରେ ଆମେ ଆମ ଜୀବନରେ ସନ୍ତୋଷ ପାଇପାରିବା । ଏହା ଆମକୁ ଏକ ସନ୍ତୋଷ ଜୀବନ ଯାପନରେ ସହାୟକ ହେବ କାରଣ ଅଭାବ ପୂରଣ ନକରିପାରିବାର ଯନ୍ତ୍ରଣାରେ ଆମେ ଆଉ ଆଉଟୁ ପାଉଟୁ ହେବାନାହିଁ ବା ସେଥିପାଇଁ ଅସନ୍ତୋଷ ରହିବ ନାହିଁ ।

ଏପରିକି ଆମ ଜାତିର ପିତା ଗାନ୍ଧିଜୀ ସଦାସର୍ବଦା କହିଆସିଛନ୍ତି ଅଭାବକୁ ନିୟନ୍ତ୍ରଣରେ ରିଖପାରିଲେ ଆମେ ଏକ ସନ୍ତୋଷପୂର୍ଣ୍ଣ ଜୀବନ ଯାପନ କରିପାରିବା ଏବଂ ଆମକୁ ଦୂର୍ନିତି, ଦୂରାଚାର କରିବାକୁ ପଡିବନି ଆମ ଅପରିସୀମ ଅଭାବକୁ ସୀମିତ ସମ୍ବଳ ମାଧ୍ୟମରେ ପୂରଣ କରିବାପାଇଁ ଅନେକ ମହାନ ବ୍ୟକ୍ତିତ୍ୱ ଓ ବୁଦ୍ଧିଜିବୀ ସେଇ ସମାନ ଉପଦେଶ ଆମକୁ ଦେଇଛନ୍ତି ।

## ପାଠ୍ୟ ସମ୍ବନ୍ଧୀୟ ପ୍ରଶ୍ନାବଳୀ ୨.୩

୧. ସିମୀତ ସମ୍ବଳ ମଧ୍ୟରେ ଅପରିସୀମ ଅଭାବ ପରିପୂରଣ ପାଇଁ ଭାରତୀୟ ଦର୍ଶନ କ'ଣ କହେ ?

୨. ଯୋଗାଯୋଗ ବ୍ୟବସ୍ଥାର ଏପରି ଏକ ନମୁନା ଦିଅ ଯାହା ପ୍ରମାଣିତ କରିବ ଅଭାବ ବଦଳେ ଏବଂ ପ୍ରସାରିତ ହୁଏ ଉନ୍ନତି ସହିତ ।

## ତୁମେ କ'ଣ ଶିଖିଲ

- ଯେଉଁ ଇଛା / କାମନା ଗୁଡିକ ପାଇସା ଦେଇ କ୍ରୟ କରିବା ଇଛାଦ୍ୱାରା ପ୍ରେରିତ ତାକୁ ଅଭାବ କହିବା ।
- ସେବା ଓ ସାମଗ୍ରୀଦ୍ୱାରା ଅଭାବ ପରିତୃପ୍ତ ହୁଏ ।
- ଅର୍ଥନୈତିକ ଅଭାବ ଗୁଡିକ ବଜାରରୁ ପଇସା / ଦାମ୍‌ଦେଇ କ୍ରୟ କରାଯାଉଥିବା ସେବାସାମଗ୍ରୀ ଦ୍ୱାରା ପରିପୂରଣ ହୋଇଥାଏ ।
- ଅଣଅର୍ଥନୈତିକ ଅଭାବ ଗୁଡିକର ସନ୍ତୁଷ୍ଟିପାଇଁ ବ୍ୟବହାର ହେଉଥିବା ସେବାସାମଗ୍ରୀ ବଜାରରୁ ପଇସା ବା ଦାମ୍ ଦେଇ କ୍ରୟ କରାଯାଇନଥାଏ ।
- ଆବିଷ୍କାର ଓ ଉଦ୍ଭାବନ ସହିତ ନୂଆ ନୂଆ ଅଭାବ ଉଦ୍ରେକ ହୁଏ ଓ ବୃଦ୍ଧିପାଏ ।
- ଜୀବନରକ୍ଷା ପାଇଁ କେତେକ ଅଭାବ ଆବଶ୍ୟକ । ତାକୁ ଅତ୍ୟାବଶ୍ୟକ କୁହାଯାଏ ।
- ଯେଉଁ ଅଭାବଗୁଡିକ ଆମ ଜୀବନକୁ ସହଜ ଓ ଆରାମଦାୟକ କରେ ତାକୁ ଆରାମ ଦାୟକ ଦ୍ରବ୍ୟ କୁହାଯାଏ ।
- କେତେକ ଅଭାବ ଆମକୁ ଆନନ୍ଦ ଦିଏ, କିନ୍ତୁ ତାହା ମୂଲ୍ୟବାନ ସାମଗ୍ରୀ ଦ୍ୱାରା ପରିତୃପ୍ତ ହୁଏ ଯାହାକୁ ବିଳାସ ସାମଗ୍ରୀ କୁହାଯାଏ ।
- ଯଦିଓ ଏକ ନିର୍ଦ୍ଧିଷ୍ଟ ଅଭାବ ପରିପୂରଣ ସାପେକ୍ଷ, ସବୁ ଅଭାବ କିନ୍ତୁ ପୁରଣଯୋଗ୍ୟ ନୁହେଁ ସିମୀତ ସମ୍ବଳ କାରଣରୁ ।

- ଅଭାବର କେତୋଟି ଗୁରୁତ୍ୱପୂର୍ଣ୍ଣ ଗୁଣ ଏପରି ।
  ଅଭାବ ଅସୀମ, ଏକ ନିର୍ଦ୍ଦିଷ୍ଟ ଅଭାବ ପରିପୂରଣଯୋଗ୍ୟ, କେତେକ ଅଭାବ ବାରମ୍ବାର ବା ପୁନଃପୁନଃ ଅନୁଭୂତ ହୁଏ । ସ୍ଥାନ, କାଳ ଓ ପାତ୍ରନେଇ ଅଭାବ ପରିବର୍ତ୍ତିତ ହୁଏ । ବର୍ତ୍ତମାନର ଅଭାବ ଭବିଷ୍ୟତ ଅଭାବ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ଅଭାବ ବଦଳେ ଓ ପ୍ରସାରିତ ହୁଏ ଉନ୍ନତି ସହିତ ।
- ଅଭାବ ଉନ୍ନୟନ ବା ଉନ୍ନତି ସହିତ ବଦଳେ ଓ ପ୍ରସାରିତ ହୁଏ ।
- ଭାରତୀୟ ଦର୍ଶନ କହୁଛି ଅଭାବକୁ ସିମୀତ ରଖ ଫଳରେ ଅଧିକରୁ ଅଧିକ ସନ୍ତୋଷ ମିଳିବ ।

## ଅନ୍ତିମ ପ୍ରଶ୍ନାବଳୀ

୧. କାମନା / ଇଛା ଅଭାବରେ ପରିପୂରଣ ହେବାର ଦୁଇଟି ଉଦାହରଣ ଦିଅ ।
୨. ଅଭାବ କିପରି ଉପୁଜେ ଓ ବୃଦ୍ଧିପାଏ । ଗୋଟିଏ ଉଦାହରଣ ସହିତ ବୁଝାଇଲେଖ ।
୩. ସମସ୍ତ ଅଭାବ ପରିପୂରଣଯୋଗ୍ୟ ନୁହେଁ ? ବୁଝାଇଲେଖ କାହିଁକି ?
୪. ଅଭାବର ମୁଖ୍ୟ ଚାରୋଟି ଗୁଣ ବା ବୈଶିଷ୍ଟ୍ୟ ଦର୍ଶାଅ ।
୫. ଉଦାହରଣ ସହ ବୁଝାଇଲେଖ ବର୍ତ୍ତମାନର ଅଭାବ ଭବିଷ୍ୟତ ଅଭାବଠାରୁ ଗୁରୁତ୍ୱପୂର୍ଣ୍ଣ ।
୬. ସମ୍ବଳ କିପରି ଅଭାବ ପୂରଣ କରେ ।
୭. ଅର୍ଥନୈତିକ ଓ ଅଣଅର୍ଥନୈତିକ ଅଭାବର ତାରତମ୍ୟ ଦର୍ଶାଅ ।
୮. ବୁଝାଇଲେଖ ଅଭାବ ପ୍ରସାରିତ ହୁଏ ଓ ପରିବର୍ତ୍ତିତ ହୁଏ ଉନ୍ନତି ବା ଉନ୍ନୟନ ସହିତ ।
୯. କାହିଁକି ଆମେ ଆମ ଅଭାବକୁ ସିମୀତ ରଖିବା ?

## ପାଠ୍ୟ ସମ୍ବନ୍ଧୀୟ ପ୍ରଶ୍ନାବଳୀର ଉତ୍ତର

### ପାଠ୍ୟ ପ୍ରଶ୍ନ - ୨:୧

୧. ଯେଉଁ କାମନା ଗୁଡିକ ପଇସା ଦେଇ କ୍ରୟକରିବାର ଇଛାଦ୍ୱାରା ପ୍ରେରିତ ତାକୁ ଅଭାବ କୁହାଯାଏ ।
୨. ଅଗ୍ନିର ଆବିଷ୍କାର ସହିତ ମନୁଷ୍ୟ ଖାଦ୍ୟରାନ୍ଧି ଖାଇବା ଶିଖିଲା ଯାହାକି ବହୁତ ଗୁଡାଏ ଖାଦ୍ୟ କିସମର ବୃଦ୍ଧିରେ ସହାୟକ ହେଲା ।
୩. ସମସ୍ତ ଅଭାବ ପୂରଣସମ୍ଭବ ନୁହେଁ ସୀମିତ ସମ୍ବଳ କାରଣରୁ ।
୪. (କ) ଅଭାବ ଅସୀମ (ଖ) କେତେକ ଅଭାବ ବାରମ୍ବାର ଉପୁଜେ ।
୫. କାମନାଟିଏ ଅଭାବରେ ପରିଣତ ହୁଏ ଯେତେବେଳେ ପଇସା ଦେବାର କ୍ଷମତା ଏବଂ କ୍ରୟ କରିବାର ଇଛାଦ୍ୱାରା ଏହା ପ୍ରେରିତ ହୁଏ ।

### ପାଠ୍ୟ ପ୍ରଶ୍ନ : ୨.୨

୧. ଭୂମି, ଶ୍ରମ, ପୁଞ୍ଜି (ଯନ୍ତ୍ରପାତି) ବିହନ, ଖତ, ସାର ଆଦି
୨. (କ)
୩. (କ) କଲମ (ଖ) ପୁସ୍ତକ
୪. (କ) ନିଶ୍ୱାସ ପ୍ରଶ୍ୱାସର ବାୟୁ (ଖ) କୃଷି କାର୍ଯ୍ୟପାଇଁ ବର୍ଷାପାଣି

# ୩

# ଦ୍ରବ୍ୟ ଓ ସେବା

ଆପଣମାନେ ଜାଣିଲେ ଯେ ମନୁଷ୍ୟର ଅଭାବ ଅସୀମ ଓ ଅପୂରଣୀୟ । ବର୍ତ୍ତମାନ ତେବେ ପ୍ରଶ୍ନ ଉଠୁଛି ଆମେ ଅଭାବରୁ କେତେ ପୂରଣଯୋଗ୍ୟ ଏବଂ ତାହା କିପରି ପୁରଣ ହେବ ।

ମନୁଷ୍ୟର ଅଭାବ ଦ୍ରବ୍ୟ ଓ ସେବା ଦ୍ୱାରା ପୂରଣ କରାଯାଇପାରିବ ଯାହା ବିଭିନ୍ନ ଅଥନୈତିକ କାର୍ଯ୍ୟକଳାପ ଦ୍ୱାରା ସମ୍ଭବ ହୋଇଥାଏ । ଚଳିତ ପ୍ରବନ୍ଧରେ ଆପଣମାନେ ଦ୍ରବ୍ୟ ଓ ସେବା କ'ଣ , ଦ୍ରବ୍ୟ ଓ ସେବାର ପ୍ରକାର ଭେଦ ଏବଂ ଦ୍ରବ୍ୟ ଓ ସେବାର ଗୁରୁତ୍ୱ ଉତ୍ପାଦନ, ଉପଭୋଗ, ନିବେଶ ଏବଂ ମନୁଷ୍ୟ ଅଭାବକୁ ନେଇ କିପରି ବୁଝାଯାଏ ଜାଣିବା ।

## ଉଦ୍ଦେଶ୍ୟ

ଏହି ବିଷୟଟିର ପଠନ ପରେ

- ଦବ୍ୟ ଓ ସେବା କହିଲେ କ'ଣ ବୁଝାଏ ଜାଣିବ ।
- ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବାକୁ ଜାଣିପାରିବ ।
- ଦ୍ରବ୍ୟ ଓ ସେବା ମଧ୍ୟରେ ଥିବା ପାର୍ଥକ୍ୟ ଜାଣିପାରିବ ।
- ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବାର ଅଧାରକ'ଣ ଜାଣିବ ।
- ମୁକ୍ତ ବା ଅବାଧଲବ୍ଧ ଦ୍ରବ୍ୟ ଓ ଅର୍ଥ ନୈତିକ ଦ୍ରବ୍ୟର ସଂଜ୍ଞା କ'ଣ
- ଉପଭୋକ୍ତା ଦ୍ରବ୍ୟ ଓ ସେବା ଏବଂ ଉତ୍ପାଦକ ଦ୍ରବ୍ୟ ଓ ସେବାର ଭିନ୍ନତା ଓ ତାରତମ୍ୟ କ'ଣ ।
- ଦ୍ରବ୍ୟ କିପରି ଗୋଟିଏ ବ୍ୟବହାର ଓ ଦୀର୍ଘ ସମୟ ଧରି ବ୍ୟବହାର ହୁଏ ତାହା ବୁଝିପାରିବ ।
- ଘରୋଇ ଦ୍ରବ୍ୟ ଓ ସାର୍ବଜନୀନ ଦ୍ରବ୍ୟର ଭିନ୍ନତା କ'ଣ ।

## ୩.୧ ଦ୍ରବ୍ୟ ଓ ସେବା

ଆମର ଦୈନନ୍ଦିନ ଜୀବନରେ ଆମ ବିଭିନ୍ନ ଦ୍ରବ୍ୟ/ ସାମଗ୍ରୀ ଓ ସେବାର ସୁବିଧା ନେଇଥାଏ । ଆମେ ଯେତେବେଳେ ଭୋକିଲା ଆମେ ଖାଦ୍ୟ ଖାଉ । ଆମେ ଯେତେବେଳେ ତୃଷାର୍ତ୍ତ ଆମେ ପାଣିପିଉ । ଏହିପରି ଆମେ ଅନେକ ଦ୍ରବ୍ୟ ଲୋଡ଼ିଥାଉ ଯେପରିକି କଲମ ଓ କାଗଜ ଲେଖିବାପାଇଁ, ରହିବା ପାଇଁ ଘର, ବସିବା ପାଇଁ ଚୌକି, ଲୁଗା ସଫା କରିବା ପାଇଁ ୱାଶିଙ୍ଗ ମେସିନ୍ ଏବଂ ବିଭିନ୍ନ ଘଟଣା ଜାଣିବା ପାଇଁ

ଟେଲିଭିଜନ ଆବଶ୍ୟକ କରିଥାଉ । ଏ ସମସ୍ତ ହେଉଛନ୍ତି ଦ୍ରବ୍ୟ/ ସାମଗ୍ରୀ ସେବାର ଉଦାହରଣ ଯାହା ଅଭାବ ପୂରଣରେ ସହାୟକ ହୋଇଥାନ୍ତି ।

କିନ୍ତୁ ଦ୍ରବ୍ୟ କେବଳ ଯଥେଷ୍ଟ ନୁହେଁ ଆମ ଅଭାବକୁ ପୂରଣ କରିବାକୁ । ଆମେ ମଧ୍ୟ ବିଭିନ୍ନ ପ୍ରକାର କାମପାଇଁ ବିଭିନ୍ନ ଲୋକଙ୍କର ସେବା ଆବଶ୍ୟକ କରିଥାଉ । ଉଦାହରଣସ୍ୱରୁପ ଆମେ ନାପିତ / ବାରିକର ସାହାଯ୍ୟ ନେଇଥାଉ ଆମ ଚୁଟି କାଟିବା ପାଇଁ । ଆମକୁ ନିରୋଗ ଓ ଉପଶମ ଦେବାପାଇଁ ଡ଼ାକ୍ତରଙ୍କ ସାହାଯ୍ୟ ନେଇଥାଉ, ଆମ ବସ୍ତ୍ର ପାଇଁ ଏକ ଦରଜୀର ଆବଶ୍ୟକ କରୁ । ଜଣେ ମୋଚିର ଆବଶ୍ୟକ କରୁ ଆମ ଜୋତାର ରୂପରେଖ ପାଇଁ । ଏଗୁଡ଼ିକ କେତୋଟି ସେବାରେ ସଂକ୍ଷିପ୍ତ ଉଦାହରଣ ଯାହା ଆମ ଅଭାବ ପୂରଣ କରିଥାଏ । ଉଭୟ ସେବା ଓ ସାମଗ୍ରୀ ମନୁଷ୍ୟ ଅଭାବ ପୁରଣ କରିଥାନ୍ତି । ଏଇ ଦ୍ରବ୍ୟ ଓ ସେବା ଆମ ଅଭାବକୁ ବିଭାଗୀକରଣ କରିଥାଏ ।

## ୩.୨ ଦ୍ରବ୍ୟ/ସାମଗ୍ରୀ ଓ ସେବାର ଭିନ୍ନତା/ ତାରତମ୍ୟ

ବର୍ତ୍ତମାନ ଆମେ ଜାଣିଲେ ଯେ ଉଭୟ ସେବା ଓ ସାମଗ୍ରୀର ଗୁରୁତ୍ୱ ଅଛି । ଆମ ଅଭାବ ପୂରଣ ପାଇଁ, ଏବେ ଜାଣିବା କିପରି ଉଭୟ ପରସ୍ପରଠାରୁ ଭିନ୍ନ । ମୁଖ୍ୟ ତାରତମ୍ୟଗୁଡ଼ିକ ଏପରି ।

### ଦ୍ରବ୍ୟ

୧. ଦ୍ରବ୍ୟର ଆକୃତି ଅଛି ଯଥା :- ଏହା ଦୃଶ୍ୟମାନ ଏବଂ ସ୍ପର୍ଶଯୋଗ୍ୟ ।
୨. ଦ୍ରବ୍ୟର ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟ ବ୍ୟବଧାନ ରୁହେ, କାରଣ ଦ୍ରବ୍ୟ ପ୍ରଥମେ ଉତ୍ପାଦନ ହୁଏ ଓ ପରେ ଉପଭୋଗ ।
୩. ଏହା ସଂରକ୍ଷିତ ରଖାଯାଇପାରେ ଏବଂ ଆବଶ୍ୟକ ବେଳେ ବ୍ୟବହାର କରାଯାଇପାରେ ।
୪. ଏହା ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାତରିତ ହୋଇପାରେ ।

ଉଦାହରଣ ସ୍ୱରୁପ ଚୌକିଟିଏ ନିଆଯାଉ । ଆମେ ତାକୁ ଦେଖିପାରୁ ସ୍ପର୍ଶ ମଧ୍ୟ କରିପାରୁ । ମହାରଣା ପ୍ରଥମେ ତାକୁ ତା ଶାଳରେ ତିଆରି କରେ । ତୁମେ ତାକୁ ବ୍ୟବହାର କର ବଜାରରୁ କିଣି କରି ଆଣିଲା ପରେ । ତାହାଲେ ଏଥିରୁ ପ୍ରମାଣ ମିଳିଲାଯେ ଚୌକିଟିର ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟର ଅନ୍ତର ଅଛି । ଧରନ୍ତୁ ତୁମେ ଚୌକିଟିର ତୁରନ୍ତ ଆବଶ୍ୟକ କଲ ନାହିଁ, ତୁମେ ତାକୁ ଭଣ୍ଡାର ଘରେ ରଖିଲ ଏବଂ ଆବଶ୍ୟକ ପଡ଼ିଲେ ବ୍ୟବହାର କଲ । ତୁମେ ଏପରିକି ସେଇଟିକୁ ଦେଇ ଦେଇପାର ଅବା ଅନ୍ୟ ଏକ ବ୍ୟକ୍ତିକୁ ବିକ୍ରି କରିଦେଇପାର ।

### ସେବା

୧. ସେବାର ଆକୃତି ନାହିଁ ଏବଂ ଏହା ଅସ୍ପୃଶ୍ୟ ଯଥା: - ଏହାକୁ ଦେଖିହୁଏ ନାହିଁ କିମ୍ବା ସ୍ପର୍ଶ କରିହୁଏ ନାହିଁ ।
୨. ସେବାର ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟର ଅନ୍ତର ନଥାଏ । ତେଣୁ ଏହା ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ ଉପଭୋଗ ହୋଇଥାଏ ।
୩. ସେବାକୁ ସଂରକ୍ଷିତ ରଖାଯାଇପାରିବ ନାହିଁ ।
୪. ସେବାକୁ ସ୍ଥାନାନ୍ତର କରାଯାଇ ପାରିବନି ବା ସେବାର ବଦଳ ସମ୍ଭବ ନୁହେଁ ।

ଜଣେ ଡ଼ାକ୍ତରଙ୍କ ସେବାକୁ ବିଚାରକୁ ନିଆଯାଉ । ଡ଼ାକ୍ତରଟିଏ ରୋଗୀର ପରୀକ୍ଷା କରେ ଏବଂ ଔଷଧ ଲେଖେ । ବର୍ତ୍ତମାନ ସେ ଏକ ସେବାଦେଲେ (ରୋଗୀର ଚିକିତ୍ସା ପାଇଁ) ଯାହାକୁ ଆମେ ଦେଖି ପାରିବାନାହିଁ କି ସ୍ପର୍ଶ କରିପାରିବା ନାହିଁ । ଯେଉଁ ମୁହୂର୍ତ୍ତରେ ସେ ରୋଗୀକୁ ପରୀକ୍ଷା କଲେ, ସେ ଏକ ସେବା ଦେଲେ ଯାହାକି ରୋଗୀ ଉପଭୋଗ କଲା । ତେଣୁ ସେବାର ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟ ଅନ୍ତର ନଥାଏ । ବର୍ତ୍ତମାନ ଏଇ ସେବାକୁ ସଂରକ୍ଷିତ ରଖାଯାଇ ପାରିବନି ବା ବଦଳି କରାଯାଇପାରିବନି ।

### ପଠନ ସମ୍ବନ୍ଧୀୟ ପ୍ରଶ୍ନାବଳୀ ୩.୧

୧. ଏଥିମଧ୍ୟରୁ କେଉଁଗୁଡ଼ିକ ଦ୍ରବ୍ୟ ।

(କ) କାର

(ଖ) ସେଲଫୋନ୍

(ଗ) ଯାତ୍ରୀ ପରିବହନ

(ଘ) ଜୋତା ମରାମତି

**୨. ଏହା ମଧ୍ୟରୁ କେଉଁ ଗୁଡ଼ିକର ଦ୍ରବ୍ୟ ଗୁଣାବଳୀ ଅଛି ।**

(କ) ଦ୍ରବ୍ୟକୁ ଦେଖିହେବ ଏବଂ ସ୍ପର୍ଶ କରିହେବ ।

(ଖ) ଦ୍ରବ୍ୟ ସ୍ଥାନାନ୍ତର ଯୋଗ୍ୟ ନୁହେଁ ।

(ଗ) ଦ୍ରବ୍ୟ ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟ ଅନ୍ତର ନଥାଏ ।

**୩. ନିମ୍ନଗୁଡ଼ିକ ମଧ୍ୟରୁ କେଉଁଟି ସେବାର ଗୁଣାବଳୀ ବା ବୈଶିଷ୍ଟ୍ୟ ଅଟେ ।**

(କ) ସେବାକୁ ଦେଖିହେବ ନାହିଁ ବା ଛୁଇଁ ହେବନାହିଁ ।

(ଖ) ସେବାର ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟର ଅନ୍ତର ନ ଥାଏ ।

(ଗ) ସେବାକୁ ସଂରକ୍ଷିତ ରଖିହେବ ନାହିଁ ।

**୪. ମାନବୀୟ ଅଭାବ ଉପଭୋଗ ଦ୍ୱାରା ପରିତୃପ୍ତ ହୋଇଥାଏ ।**

(କ) ଦ୍ରବ୍ୟ

(ଖ) ସେବା

(ଗ) ଉଭୟ ଦ୍ରବ୍ୟ ଓ ସେବା

(ଘ) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ ।

## ୩.୩ ଦ୍ରବ୍ୟ ଓ ସେବାର ଶ୍ରେଣୀ ବିଭାଗ

ଆମେ ଏକଥା ଜାଣିଲେ ଯେ ବିଭିନ୍ନ ଉଦ୍ୟୋଗ ବିଭିନ୍ନ ପ୍ରକାରର ସେବା ଓ ସାମଗ୍ରୀ ଉତ୍ପାଦନ କରିଥାନ୍ତି । ସେମାନଙ୍କୁ ଗୋଟି ଗୋଟି କରି ଅନୁଶୀଳନ କରିବା ସମ୍ଭବ ନୁହେଁ । ଏଣୁ ସେମାନଙ୍କୁ ଜାଣିବାକୁ ହେଲେ ଆମକୁ ସେଗୁଡ଼ିକୁ କେତେଗୁଡିଏ ବ୍ୟାପକ ଶ୍ରେଣୀଭୁକ୍ତ କରିବାକୁ ପଡ଼ିବ । ଏହି ଶ୍ରେଣୀ ବିଭାଗ ବିଭିନ୍ନ ମାର୍ଗରେ କରାଯାଇପାରେ । ଏହି ଶ୍ରେଣୀ ବିଭାଗ ଆମକୁ ସାହାଯ୍ୟ କରେ ବିଭିନ୍ନ ସାମଗ୍ରୀର ଅର୍ଥନୈତିକ ମହତ୍ୱ । ଆମେ ନିମ୍ନଲିଖିତ ଶ୍ରେଣୀ ବିଭାଗଗୁଡ଼ିକ ଜାଣିବା ।

୧. ମୁକ୍ତ ଦ୍ରବ୍ୟ ଓ ଅର୍ଥନୈତିକ ଦ୍ରବ୍ୟ

୨. ମୁକ୍ତ ସେବା ଓ ଅର୍ଥନୈତିକ ସେବା

୩. ଖାଉଟି ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ ।

୪. ଖାଉଟି ସେବା ଉତ୍ପାଦକ ସେବା ।

୫. ଥରେମାତ୍ର ବ୍ୟବହାର ହେଉଥିବା ଦ୍ରବ୍ୟ ଏବଂ ଦୀର୍ଘକାଳ ବ୍ୟବହାର ଉପଯୋଗୀ ଦ୍ରବ୍ୟ ।

୬. ଘରୋଇ ଦ୍ରବ୍ୟ ଓ ସରକାରୀ ଦ୍ରବ୍ୟ ।







## ୧. ମୁକ୍ତ ଦ୍ରବ୍ୟ ଓ ଅର୍ଥନୈତିକ ଦ୍ରବ୍ୟ

ଧରି ନିଆଯାଉ ତୁମେ ଏକ ମରୁଭୂମିରେ ଅଛ । ଯଦି ତୁମେ ଏକ ଅଖା ବାଲି ଭର୍ତ୍ତିକଲ, ତୁମକୁ ଦାମ୍ ଦେବାକୁ ପଡ଼ିବନି । ଅନ୍ୟ ପକ୍ଷରେ ତୁମେ ଏକ ନଗରରେ ଏଥିପାଇଁ ଦାମ୍ ଦେବାକୁ ପଡ଼ିବ । ଏଇ ଉଦାହରଣଟି ଆମକୁ ମୁକ୍ତ ଦ୍ରବ୍ୟ ଓ ଅର୍ଥନୈତିକ ଦ୍ରବ୍ୟର ତାରତମ୍ୟ କ'ଣ ଜଣାଇ ଦିଏ । ମୁକ୍ତ ଦ୍ରବ୍ୟ ସବୁ ପ୍ରକୃତିର ଅବାଧ ଓ ମୁକ୍ତ ଦାନ । ଏଗୁଡ଼ିକ ପ୍ରଚୁର ଭାବରେ ମିଳେ, ପରିମାଣର ସୀମା ନାହିଁ ଏବଂ ଏହାର ଯୋଗାଣ ଚାହିଦାଠାରୁ ଅଧିକ । ତୁମକୁ କିଛି ଦେବାକୁ ପଡ଼ିବ ନାହିଁ ଏହାକୁ ପାଇବାକୁ ହେଲେ । ସେଥିପାଇଁ ଏଗୁଡ଼ିକୁ ମୁକ୍ତ ଦ୍ରବ୍ୟ କୁହାଯାଏ । ସଂକ୍ଷେପରେ କହିଲେ ଆମେ ମୁକ୍ତ ଦ୍ରବ୍ୟକୁ ଏପରି ବ୍ୟାଖ୍ୟା କରୁ ଯାହାର ଉପଯୋଗୀତା ଅଛି କିନ୍ତୁ ତାହା ସ୍ୱଳ୍ପ ନୁହେଁ ।

ଆମ ଦୈନନ୍ଦିନ ଜୀବନରେ ଆମେ ଟୁଥପେଷ୍ଟ, ସାବୁନ, ସେଭିଙ୍ଗ କ୍ରୀମ, ଜୋତା, ବ୍ରେଡ୍ ଆଦି ବ୍ୟବହାର କରୁ । ଏଗୁଡ଼ିକ ସବୁ ମନୁଷ୍ୟକୃତ ଏଣୁ ଏହାର ଯୋଗାଣ ଅପରିସୀମ ନୁହେଁ । ଠିକ୍ ସେହିପରି ଆମେ ଯନ୍ତ୍ରପାତି, ବସ, ଟେବୁଲ, ଚେୟାର, ପୁସ୍ତକ, ଫ୍ୟାନ୍, ଟେଲିଭିଜନ ଆଦି ବ୍ୟବହାର କରୁ । ଏଗୁଡ଼ିକ ସବୁ ମନୁଷ୍ୟକୃତ ଏବଂ ଏଗୁଡ଼ିକର ଯୋଗାଣ ଅସୀମ ନୁହେଁ । ଆମେ ପାଣି ବିଭିନ୍ନ ଉଦ୍ଦେଶ୍ୟରେ ଘରେ ବ୍ୟବହାର କରିଥାଉ, ଘର ତିଆରି ପାଇଁ ବାଲି ବ୍ୟବହାର କରିଥାଉ, ଏବଂ ବିଭିନ୍ନ ଧାତବ ପଦାର୍ଥ ବିଭିନ୍ନ ପ୍ରକାରରେ ବ୍ୟବହାର କରୁ । ବର୍ତ୍ତମାନ ଏହା ମନୁଷ୍ୟକୃତ ନୁହେଁ ବରଂ ପ୍ରକୃତିର ଅବଦାନ । କିନ୍ତୁ ଯେହେତୁ ସେଗୁଡ଼ିକ ସ୍ୱଳ୍ପ ଏବଂ ସେମାନଙ୍କର ଚାହିଦା ଯୋଗାଣ ଠାରୁ ଅଧିକ, ଏଗୁଡ଼ିକ ଏକ ଦାମ୍ ଆବଶ୍ୟକ କରେ ଏବଂ ଅବାଧ ବା ମୁକ୍ତ ଭାବେ ମିଳନ୍ତି ନାହିଁ । ଏଗୁଡ଼ିକ ଏଣୁ ଅର୍ଥନୈତିକ ଦ୍ରବ୍ୟ ।

ଅର୍ଥନୈତିକ ଦ୍ରବ୍ୟ କହିଲେ ତାହାକୁ ବୁଝାଏ (ମନୁଷ୍ୟକୃତ ଅବା ପ୍ରକୃତି ଦତ୍ତ) ଯାହାର ଚାହିଦା ଯୋଗାଣ ଠାରୁ ଅଧିକା । ଏହା ଏକ ଦାମ୍ ଆବଶ୍ୟକ କରେ ଏବଂ ଏହା ବଜାରରୁ କିଣାଯାଇପାରେ ।

## ୨. ମୁକ୍ତ ସେବା ଓ ଅର୍ଥନୈତିକ ସେବା

ସେବା କ୍ଷେତ୍ରରେ ମଧ୍ୟ ମୁକ୍ତ ସେବା ଓ ଅର୍ଥନୈତିକ ସେବା ମିଳେ । ମୁକ୍ତ ସେବା କହିଲେ ତାହାକୁ ବୁଝାଏ, ଯାହାକୁ ବଜାରରୁ କିଣାଯାଇ ପାରେନାହିଁ କିନ୍ତୁ ସ୍ନେହ ପ୍ରେମ ଜାତ ହେବା କାରଣରୁ ଏସବୁ ମିଳିଥାଏ । ଉଦାହରଣ ସ୍ୱରୂପ ବାପା, ମାଙ୍କର ପିଲାଙ୍କ ପ୍ରତି ସେବା । ସକଳ ସେବା ଯାହା ବଜାରରୁ କିଣାଯାଇପାରେ, ଯେ ସବୁକୁ ଅର୍ଥନୈତିକ ସେବା କୁହାଯିବ, ଯଥା ଡ଼ାକ୍ତରଙ୍କ ସେବା, ଇଞ୍ଜିନିୟରଙ୍କ ସେବା ଆଦି । ବାକି ସବୁ ଦ୍ରବ୍ୟ ଓ ସେବାର ଶ୍ରେଣୀ ବିଭାଗ କେବଳ ଅର୍ଥନୈତିକ ଦ୍ରବ୍ୟ ଓ ସେବା ଶ୍ରେଣୀଭୁକ୍ତ ।

## ୩. "ଉପଭୋକ୍ତା ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ"

ଏହି ଶ୍ରେଣୀ ବିଭାଗଟି ଦ୍ରବ୍ୟର ନିର୍ଦ୍ଦିଷ୍ଟ ବ୍ୟବହାର ଉପରେ ଆଧାରିତ ବା ପର୍ଯ୍ୟବେଶିତ । ଉପଭୋକ୍ତା ଦ୍ରବ୍ୟ କହିଲେ ତାହାକୁ ବୁଝାଏ ଯାହା ସିଧାସଳଖ ଉପଭୋକ୍ତାର ଅଭାବ ପୂରଣ କରିଥାଏ । ଏଇ ଦ୍ରବ୍ୟଗୁଡ଼ିକ ଉପଭୋଗ ପାଇଁ ବ୍ୟବହାର କରଯାଏ । ଉଦାହରଣସ୍ୱରୁପ ବ୍ରେଡ୍, ଫଳ, ଦୁଗ୍ଧ, ବସ୍ତ୍ର ଆଦି ।

ଉତ୍ପାଦକ ଦ୍ରବ୍ୟ କହିଲେ ତାହାକୁ ବୁଝାଏ ଯାହା ଉପଭାକ୍ତାର ଅଭାବକୁ ପରୋକ୍ଷରେ ଭାବରେ ପୁରଣ କରିଥାଏ । ଯେହେତୁ ଏଗୁଡ଼ିକ ଅନ୍ୟାନ୍ୟ ଦ୍ରବ୍ୟ ଉତ୍ପାଦନରେ ସହାୟକ ହୁଅନ୍ତି, ଏଗଡ଼ିକୁ ଉତ୍ପାଦକ ଦ୍ରବ୍ୟରୁପେ ଜଣାଯାଏ । ଉଦାହରଣସ୍ୱରୁପ ଯନ୍ତ୍ରପାତି, କଳ, କଞ୍ଚାମଲ, ବିହନ, ସାର ଏବଂ ଟ୍ରାକଟର ଆଦି, ଏଗୁଡ଼ିକ ଉତ୍ପାଦକ ଦ୍ରବ୍ୟର ନମୁନା ।

### ୩(କ) ଅନ୍ତରୀଣ ଦ୍ରବ୍ୟ

କଞ୍ଚାମାଲ, ଜାଳେଣି, ଶକ୍ତି ଆଦି ଉଦ୍ୟୋଗୀ ସେବା ଓ ସାମଗ୍ରୀର ପୂର୍ଣ୍ଣାଙ୍ଗ ଉତ୍ପାଦନ ଦ୍ରବ୍ୟ ସେବା ପାଇଁ ବ୍ୟବହାର କରିଥାଏ, ଏଗୁଡିକ ଅନ୍ତରୀଣ ଦ୍ରବ୍ୟ ହିସାବରେ ଗ୍ରହଣ କରାଯାଏ । ଉଦାହରଣସ୍ୱରୁପ ଗହମର ମଇଦା ବା ଅଟାକୁ ଏକ ଅନ୍ତରୀଣ ଦ୍ରବ୍ୟ ହିସାବରେ ନିଆଯାଏ ବେକରୀରେ ବ୍ରେଡ ତିଆରି ପାଇଁ । ଏହାକୁ ଉତ୍ପାଦିଦ ଦ୍ରବ୍ୟର ଉତ୍ପାଦନ କୁହାଯାଏ ।

### ୪. ଉପଭୋକ୍ତା ସେବା ସମୂହ ଓ ଉତ୍ପାଦକ ସେବାସମୂହ

ଏଠାରେ ମଧ୍ୟ ଶ୍ରେଣୀ ବିଭାଗ, ଦ୍ରବ୍ୟର ଶ୍ରେଣୀ ବିଭାଗ ପରି ସମାନ । ଉପଭୋକ୍ତା ବା ଗୃହକର୍ତ୍ତା ଯଦି ସିଧାସଳଖ ସେବା ବ୍ୟବହାର କଲେ ତାହାଲେ ତାହାକୁ ଉପଭୋଗ୍ୟ ସେବା କୁହାଯିବ । ଉଦାହରଣସ୍ୱରୂପ ଦରଜୀଟିଏ ଆମ ସାର୍ଟ୍ ସିଲାଇ ପାଇଁ ଦେଉଥିବା ସେବା, ଚିକିତ୍ସା ପାଇଁ ଡ଼ାକ୍ତର ଆମକୁ ଯୋଗାଉଥିବା ସେବା, ତୁମ ଟ୍ୟାପର ମରାମତି ପାଇଁ ସେବା ଦେଉଥିବା ମିସ୍ତ୍ରୀ ଇତ୍ୟାଦି ।

ଅନ୍ୟ ପକ୍ଷରେ ଉତ୍ପାଦକ ସେବା ବ୍ୟବହାର କରାଯାଏ ଅନ୍ୟାନ୍ୟ ସେବା ଓ ସାମଗ୍ରୀ ଉତ୍ପାଦନ ପାଇଁ ଯାହାର ଚାହିଦା ଉପଭୋକ୍ତା ନିକଟରେ ଥାଏ । ଅନ୍ୟ ଅର୍ଥରେ କହିଲେ ଉତ୍ପାଦକ ସେବା ପରୋକ୍ଷରେ ମାନବୀୟ ଅଭାବ ପୂରଣ କରିଥାଏ । ଉଦାହରଣସ୍ୱରୂପ ଦରଜୀଟିଏ ଏକ ଡ୍ରେସ ତିଆରି କାରଖାନାରେ କରୁଥିବା କାମ, ଇଲେକ୍ଟ୍ରିସିଆନଟିଏ ବିଦ୍ୟୁତଯୋଗାଣ କେନ୍ଦ୍ରରେ ତ୍ରୁଟି ସଜାଡୁଥିଲେ, ଏପରିକି ଟ୍ରକଟିଏ କାରଖାନାକୁ କଞ୍ଚାମାଲ ପରିବହନ କରୁଥିଲେ ।

### ୫. ଏକକ ବ୍ୟବହାରଯୋଗ୍ୟ ଓ ଦୀର୍ଘକାଳୀନ ବ୍ୟବହାର ଯୋଗ୍ୟ

ସମସ୍ତ ପ୍ରକାରର ଦ୍ରବ୍ୟ ଉପଭୋକ୍ତା ବା ଉତ୍ପାଦକ ଦ୍ରବ୍ୟ ପୁନଃ ବିଭାଜିତ ହୋଇଥାଏ ଏକକ ବ୍ୟବହାର ଓ ଦୀର୍ଘକାଳୀନ ବ୍ୟବହାରକୁ ନେଇ । ଏକକ ବସ୍ତୁ କହିଲେ ତାକୁ ବୁଝିବା ଯାହା ଥରେ ମାତ୍ର ବ୍ୟବହାରଯୋଗ୍ୟ । ଏହା ଥରକରେ ଶେଷ ହୋଇଯାଏ । ଉଦାହରଣସ୍ୱରୂପ ବ୍ରେଡ଼ ଲହୁଣୀ, ଅଣ୍ଡା, କ୍ଷୀର ଆଦି ଏଗୁଡ଼ିକ ଏକକ ବ୍ୟବହାର ଯୋଗ୍ୟ ଖାଉଟି ସାମଗ୍ରୀ ଯାହା ତୁରନ୍ତ ବ୍ୟବହାର ହୁଏ ଏବଂ ଏକା ଥରକେ । ଠିକ୍ ସେପରି ଏକାଥରକେ ବ୍ୟବହାର୍ଯ୍ୟ ଉତ୍ପାଦକ ଦ୍ରବ୍ୟ ଥରେ ମାତ୍ର ଉତ୍ପାଦନ ପ୍ରକ୍ରିୟାରେ ଲାଗିଲେ ନିଃଶେଷ ହୋଇଯାଏ । ଉଦାହରଣସ୍ୱରୂପ କୋଇଲା, କଞ୍ଚାମାଲ, ବୀଜ ଓ ସାର ଆଦି । ଏହାକୁ ବିସ୍ତୃତ ଭାବେ ଜାଣିବା ପାଇଁ ଚିନିର ଉତ୍ପାଦନ ପ୍ରକ୍ରିୟାକୁ ଜାଣିବା । ଏଠାରେ କଞ୍ଚାମାଲ ରୂପେ ବ୍ୟବହାର କରାଯାଉଥିବା ଆଖୁ ଥରେ ମାତ୍ର ବ୍ୟବହାର ହୋଇଥାଏ ।

ଦୀର୍ଘକାଳୀନ ବ୍ୟବହାରଯୋଗ୍ୟ ବସ୍ତୁଗୁଡ଼ିକ ବାରମ୍ବାର ଦୀର୍ଘ ସମୟଧରି ବ୍ୟବହାର ହୋଇଥାଏ । ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ଓ ଦୀର୍ଘସ୍ଥାୟୀ ଉତ୍ପାଦନ ଦ୍ରବ୍ୟ ବ୍ୟବହାରରେ ଆସେ । ଦୀର୍ଘସ୍ଥାୟୀ ଉପଭୋକ୍ତା ଦ୍ରବ୍ୟ ବସ୍ତ୍ର, ଫର୍ନିଚର, ଟେଲିଭିଜନ, ସ୍କୁଟର ଆଦି ଯାହାକି ଉପଭୋକ୍ତା ବାରମ୍ବାର ବ୍ୟବହାର କରେ । ଦୀର୍ଘସ୍ଥାୟୀ ଉତ୍ପାଦନ ଦ୍ରବ୍ୟ ଉତ୍ପାଦନରେ ବାରମ୍ବାର ଉପଯୋଗ ହୁଏ, ଉଦାହରଣସ୍ୱରୂପ କଳ, ଯନ୍ତ୍ରପାତି, ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ଆଦି । ଏହାର ଅର୍ଥ ନୁହେଁଯେ ବାରମ୍ବାର ବ୍ୟବହାର୍ଯ୍ୟ ହେବା କାରଣରୁ ସେସବୁଗୁଡ଼ିକର କିଛି ଭିନ୍ନତା ଆସେ ନାହିଁ । ଏ କଥା ସତ୍ୟଯେ ଏଗୁଡ଼ିକର ମୂଲ୍ୟର କ୍ଷୟହୁଏ ପୁନଃ ପୁନଃ ବ୍ୟବହାର ଫଳରେ ।

### ୬. ଘରୋଇ ଦ୍ରବ୍ୟ ଓ ସରକାରୀ ଦ୍ରବ୍ୟ

ଦ୍ରବ୍ୟର ମାଲିକାନାକୁ ନେଇ ଏହାକୁ ଶ୍ରେଣୀ ବିଭାଗ କରାଯାଇପାରେ । ଯେଉଁ ସବୁ ସାମଗ୍ରୀ ଘରୋଇ ମାଲିକାନା ଭୁକ୍ତ ଏବଂ ଏକାନ୍ତଭାବେ ବ୍ୟକ୍ତିଦ୍ୱାରା ବ୍ୟବହାର୍ଯ୍ୟ ସେଗୁଡ଼ିକୁ ଘରୋଇ ଦ୍ରବ୍ୟ କୁହାଯିବ । ଉଦାହରଣସ୍ୱରୂପ ତୁମ ମାଲିକାନାରେ ଥିବା ସମସ୍ତ ସାମଗ୍ରୀ ଘରୋଇ ଦ୍ରବ୍ୟ । ଏହା ତୁମର ଘଣ୍ଟା, ପେନ୍, ସ୍କୁଟର, ପୁସ୍ତକ, ଟେବୁଲ, ଚେୟାର, ଶଯ୍ୟା, ବସ୍ତ୍ର ଆଦି । ଯଦି ତୁମେ ଏକ କାରଖାନାର ମାଲିକ ତେବେ ସେଥିରେ ଥିବା କୋଠାବାଡ଼ି, କଳ, ଯନ୍ତ୍ରପାତି ଆଦି ତୁମର ଘରୋଇ ଦ୍ରବ୍ୟ ।

ସରକାରୀ ଦ୍ରବ୍ୟ ତାକୁ ହିଁ କୁହାଯାଏ ଯାହା ସମାଜ ବ୍ୟବହାର କରେ, ମାଲିକାନାରେ ଥାଏ ସାମଗ୍ରିକ ଭାବେ । ଉଦାହରଣସ୍ୱରୂପ, ରାସ୍ତାଘାଟ, ପୋଲ, ପାର୍କ, ଟାଉନ୍‌ହଲ ଆଦି ଏଗୁଡ଼ିକର ସାମୁହିକ ମାଲିକାନା ଅଛି । ଏଗୁଡ଼ିକ ସମାଜର ପ୍ରତ୍ୟେକ ବ୍ୟକ୍ତି ଉପଯୋଗ କରନ୍ତି ବାଛବିଚାର ବିନା । କେହି ସର୍ବସାଧାରଣ ସମ୍ପତ୍ତି ଉପଭୋଗରୁ ବଞ୍ଚିତ ହୁଅନ୍ତି ନାହିଁ । ଉଭୟ ସରକାର ଏବଂ ଘରୋଇ ଉଦ୍ୟୋଗରେ ସାଧାରଣ/ ସରକାରୀ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ।

## ପାଠ୍ୟ ପ୍ରଶ୍ନାବଳୀ ୩.୨

କେଉଁଗୁଡିକ ଠିକ୍ ଲେଖ ?

୧. ଅର୍ଥନୈତିକ ଦ୍ରବ୍ୟ ହେଉଛନ୍ତି

(କ) ଯାହାର ସ୍ୱଳ୍ପତା ଅଛି ।

(ଖ) ଯାହାର ଦାମ୍ ଅଛି ।

(ଗ) ସେଗୁଡ଼ିକ ଯାହାର ଦାମ୍ ଅଛି ଏବଂ ସ୍ୱଳ୍ପତା ଅଛି ।

୨. ଉପଭୋକ୍ତା ଦ୍ରବ୍ୟ ତାକୁ ହିଁ କୁହାଯାଏ-

(କ) ଯାହା ଉତ୍ପାଦନରେ ସହାୟକ ହୋଇଥାଏ ।

(ଖ) ଯିଏ ସିଧାସଳଖ ମାନବୀୟ ଅଭାବ ପୂରଣ କରିଥାଏ ।

(ଗ) ଏଗୁଡ଼ିକ ମଧ୍ୟରୁ କେହି ନୁହଁନ୍ତି ।

୩. ଉତ୍ପାଦକ ଦ୍ରବ୍ୟର ଉଦାହରଣ :-

(କ) ଯନ୍ତ୍ରପାତି

(ଖ) ଟ୍ରାକଟର

(ଗ) ବ୍ରେଡ଼/ରୁଟି

(ଘ) କଞ୍ଚାମାଲ

୪. ଏଥିମଧ୍ୟରୁ କେଉଁଟି ଠିକ୍ ।

(କ) ମୁକ୍ତ ଦ୍ରବ୍ୟଗୁଡିକ ତାକୁ ହିଁ କୁହାଯିବ ଯାହାର ଯୋଗାଣ ଚାହିଦାଠାରୁ ଅଧିକ ।

(ଖ) ଏକକ ବ୍ୟବହାର ଯୋଗ୍ୟ ଦ୍ରବ୍ୟ ତାକୁ ହିଁ କୁହାଯିବ ଯାହା ଥରେ ମାତ୍ର ବ୍ୟବହାରକ୍ଷମ ।

(ଗ) ଦୀର୍ଘସ୍ଥାୟୀ ଦ୍ରବ୍ୟଗୁଡ଼ିକ ବାରମ୍ବାର ବ୍ୟବହାର ଉପଯୋଗୀ ।

(ଘ) ସର୍ବସାଧାରଣ ବା ସରକରୀ ଦ୍ରବ୍ୟ ସାମୁହିକ ମାଲିକାନାଭୁକ୍ତ ।

## ୩.୪ ଗୋଟିଏ ଅର୍ଥନୀତିରେ ସେବା ଓ ସାମଗ୍ରୀର ଭୂମିକା ଓ ଗୁରୁତ୍ୱ

ଦ୍ରବ୍ୟ ଓ ସେବାର ବହୁବିଧ ଅବଦାନ ଅର୍ଥନୀତିରେ ଥାଏ । ସେମାନଙ୍କର ଅବଦାନ ଏପରି କୁହାଯିବ ।

### (୧) ମାନବୀୟ ଅଭାବ

ତୁମେ ଜାଣିଲଯେ ମାନବୀୟ ଅଭାବ ଅସୀମ ଓ କ୍ରମବର୍ଦ୍ଧିଷ୍ଣୁ । ଏହାର ଅର୍ଥ ବିଭିନ୍ନ ସାମଗ୍ରୀ ଯଥା, ବସ୍ତ୍ର, ଜୋତା, ଫର୍ନିଚର, ବାସନକୁସନ, ଟେଲିଭିଜନ, ସ୍କୁଟର, ଫଳ, ପନିପରିବା, ଖାଦ୍ୟଶସ୍ୟ ଏବଂ ଡ଼ାକ୍ତର, ପାଇପ ମିସ୍ତ୍ରୀ, ଇଲେକଟ୍ରିସିଆନମାନଙ୍କ ସେବା ମିଳିପାରିଲେ ଓ ବୃଦ୍ଧି ଘଟିଲେ ଏହା ଅଧିକ ମାନବୀୟ ଅଭାବ ପୂରଣ କରିପାରିବ ।

## (୨) ଉତ୍ପାଦନ

ଆମେ ଉପଭୋକ୍ତା ସାମଗ୍ରୀ ଓ ସେବା ଚାହୁଁ କ୍ରମବର୍ଦ୍ଧିଷ୍ଣୁ ମାନବୀୟ ଅଭାବ ପୂରଣ ପାଇଁ । କିନ୍ତୁ ଏହି ବର୍ଦ୍ଧିତ ଉପଭୋକ୍ତା ସାମଗ୍ରୀ ଓ ସେବାର ପ୍ରାପ୍ତି ନିର୍ଭରଶୀଳ ଥାଏ ବର୍ଦ୍ଧିତ ଉତ୍ପାଦକ ଦ୍ରବ୍ୟ ଓ ସେବାର ମିଳିବା ଉପରେ । ଆମେ ଅଧିକାରୁ ଅଧିକା ଉତ୍ପାଦନ କରିପାରିବା ଯଦି ଆମ ପାଖରେ ଅଧିକା ଓ ଉନ୍ନତ ଯନ୍ତ୍ରମାତି, କଞ୍ଚାମାଲ, ଟ୍ରାକଟର, ବିହନ , ସାର ଆଦି ମିଳିବ । ସେପରି ଆମେ ଆବଶ୍ୟକ କରୁ ଅଧିକା ପରିବହନ ସେବା, ବ୍ୟାଙ୍କିଙ୍ଗ ଏବଂ ବୀମା ସେବା ଆଦି । ଏହା ଅନୁମେୟ ଯେ ଉତ୍ପାଦକ ଦ୍ରବ୍ୟର ପରିମାଣ ଓ ଗୁଣବତ୍ତା ହିଁ ସ୍ଥିର କରିବ, ନିର୍ଦ୍ଧାରଣ କରିବ ଉପଭୋକ୍ତା ଦ୍ରବ୍ୟ ଓ ସେବାର ପ୍ରାପ୍ତି ।

## (୩) ନିବେଶ

ସେବା ଓ ସାମଗ୍ରୀର ବର୍ଦ୍ଧିତ ଉତ୍ପାଦନ ନିବେଶର ସ୍ତର ନିର୍ଦ୍ଧାରଣ ଥାଏ । ଦ୍ରବ୍ୟ ଓ ସେବାର ପରିମାଣରୁ କିଛି ଅଂଶ ଉପଭୋଗ ହୁଏ ଏବଂ ମନୁଷ୍ୟର ଅଭାବ ପୂରଣ ହୋଇଥାଏ ।ଯାହା ଉପଭୋଗ ନହେଲା ତାହା ଅଧିକ ଉତ୍ପାଦନରେ ବିନିଯୋଗ ହୁଏ, ଫଳରେ ଏହା ଅର୍ଥନୀତିରେ ପୁଞ୍ଜି ସୃଷ୍ଟିରେ ସହାୟକ ହୋଇଥାଏ । ଯଦି ଦ୍ରବ୍ୟ ଓ ସେବାର ଉତ୍ପାଦନ ଅଧିକା ହୁଏ, ଉପଭୋଗ ଅଧିକା ହୁଏ ଏବଂ ବିନିଯୋଗ ବା ନିବେଶ ଅଧିକା ହୋଇଥାଏ । ଅଧିକ ବଳକା ଅର୍ଥ ଅର୍ଥନୀତିର ଉତ୍ପାଦକ କ୍ଷମତାର ବୃଦ୍ଧି ।

## ପାଠ୍ୟ ପ୍ରଶ୍ନାବଳୀ ୩.୩

ଦିଆଯାଇଥିବା ଉକ୍ତିଟି ଠିକ ବା ଭୁଲ ଲେଖ

୧. ଦ୍ରବ୍ୟ ଓ ସେବା ଉବଭୋଗ ମାନବୀୟ ଅଭାବ ପୁରଣରେ ସହାୟକ ହୁଏ । [ ]

୨. ଦ୍ରବ୍ୟ ଓ ସେବାର ମିଳିବା, ଉତ୍ପାଦକ ଦ୍ରବ୍ୟ ମିଳିବା, ପ୍ରାପ୍ତି ଉପରେ ନିର୍ଭରଶୀଳ । [ ]

୩. ଅଧିକ ଉତ୍ପାଦନ ଅଧିକ ଉପଭୋଗ ଓ ଅଧିକ ନିବେଶ ଆଣିଥାଏ । [ ]

## ତୁମେ କ'ଣ ଜାଣିଲ ?

- ମାନବୀୟ ଅଭାବ ଅସୀମ । ଦ୍ରବ୍ୟ ଓ ସେବା ତାହା ପୂରଣ କରିଥାଏ ।
- ମୁକ୍ତ ବା ଅବାଧ ଦ୍ରବ୍ୟ ତାକୁ ହିଁ କୁହାଯାଏ ଯାହା ଅସୀମ ପରିମାଣରେ ମିଳେ ଏବଂ ଏହା ବଜାରରେ ଦାମ୍ ଆବଶ୍ୟକ କରିନଥାଏ ।
- ଅର୍ଥନୈତିକ ଦ୍ରବ୍ୟର ଯୋଗାଣ ସୀମିତ ଚାହିଦା ଅନୁପାତେ । ଏହା ମଧ୍ୟ ବଜାରରେ ଦାମ୍ ଆବଶ୍ୟକ କରିଥାଏ ।

- ମୁକ୍ତ ସେବା ସ୍ନେହ, ପ୍ରେମ ଆଦିରୁ ମିଳେ । ଏହାକୁ ବଜାରରେ କିଣାଯାଇ ପାରିବନି ।
- ଅର୍ଥନୈତିକ ସେବା ହେଉଛି ସେହି ସେବା ଯାହାକୁ ବଜାରରେ କିଣାଯାଇ ପାରିବ ।
- ଉପଭୋକ୍ତା/ଖାଉଟି ଦ୍ରବ୍ୟ ତାକୁ ହିଁ ବୁଝାଏ ଯାହା ମାନବୀୟ ଅଭାବ ସିଧାସଳଖ ପୂରଣ କରିଥାଏ ।
- ଉଭୟ ଉପଭୋକ୍ତା ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ ଅଧିକ ବିଭାଜିତ ହୋଇ ଏକକ ବ୍ୟବହାର ଯୋଗ୍ୟ ଓ ଦୀର୍ଘକାଳ ବ୍ୟବହାର ଯୋଗ୍ୟ ପଦାର୍ଥରେ ପରିଚିତ ହୁଅନ୍ତି ବସ୍ତୁଟି କେତେ ବାର ବ୍ୟବହାର ହୁଏ । ଯଦି ଥରେ ମାତ୍ର ବ୍ୟବହାର ହେଲା ତାକୁ ଏକକ ବ୍ୟବହାର ଯୋଗ୍ୟ ପଦାର୍ଥ କୁହାଯିବ, ଆଉ ଯଦି ବାରମ୍ବାର ବ୍ୟବହାର ହେଲା ତାକୁ ଦୀର୍ଘକାଳ ବ୍ୟବହାର ଉପଯୋଗ ଦ୍ରବ୍ୟ ବୋଲି କୁହାଯିବ ।
- ଉପଭୋକ୍ତା ସେବା, ଉପଭୋକ୍ତାର ଅଭାବକୁ ସିଧାସଳଖ ପୂରଣ କରେ, କିନ୍ତୁ ଉତ୍ପାଦକ ସେବା ସାହାଯ୍ୟରେ ଦ୍ରବ୍ୟ ଓ ସେବାର ପୁନର୍ବାର ଉତ୍ପାଦନରେ ସହାୟକ ହୋଇଥାଏ ।
- ଦ୍ରବ୍ୟ ଓ ସେବାର ଗୁଣ ଓ ପରିମାଣ ଉତ୍ପାଦନର ସ୍ତର ନିବେଶ, ଉପଭୋଗ ଓ ମନୁଷ୍ୟ ଅଭାବ ପୂରଣର ସ୍ତର ନିର୍ଦ୍ଧାରଣ କରେ ।

## ଅନ୍ତିମ ପ୍ରଶ୍ନାବଳୀ/ଅନୁଶୀଳନୀ

୧. ଦ୍ରବ୍ୟ ଓ ସେବା ମଧ୍ୟରେ ତାରତମ୍ୟ ଦର୍ଶାଅ ।

୨. ଅଥନୈତିକ ଦ୍ରବ୍ୟ ଓ ମୁକ୍ତ ଦ୍ରବ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

୩. ଉପଭୋକ୍ତା ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୪. ଏକକ ବ୍ୟବହାର ଯୋଗ୍ୟ ଓ ଦୀର୍ଘକାଳ ବ୍ୟବହାର ଯୋଗ୍ୟ ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫. ଗୋଟିଏ ଅର୍ଥନୀତିରେ ଦ୍ରବ୍ୟ ଓ ସେବାର ଭୂମିକା ଓ ଗୁରୁତ୍ୱ କ'ଣ ଦର୍ଶାଅ ?

## ପାଠ୍ୟ ପ୍ରଶ୍ନାବଳୀର ଉତ୍ତର

**୩.୧**

(୧) କ,ଖ (୨) କ (୩) ଖ (୪) ଗ

**୩.୨**

୧. ଗ, ୨.ଖ, ୩. କ,ଖ,ଘ ୪. କ, ଖ, ଗ, ଘ ।

**୩.୩**

୧.ଠିକ, ୨. ଠିକ୍ ୩. ଠିକ୍